CMYK

• Vol.- 46, Issue No. 96
• Monday, 06 July 2026
• ସୋମବାର, ୦୬ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଏସଆଇଆର: ଚିଠା ଭୋଟର ତାଲିକା ପ୍ରକାଶ

# କଟିଲା ୨୦ ଲକ୍ଷ ୧୪ ହଜାର ନାଁ

- ଭୁଲରେ ନାଁ କଟିଥିଲେ କରିପାରିବେ ଆବେଦନ
- ଆପତ୍ତି କିମ୍ବା ନୂତନ ଦାବି ଅଗଷ୍ଟ ୪ ପର୍ଯ୍ୟନ୍ତ
- ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା



ଭୁବନେଶ୍ୱର, ୫।୭(ନିପ୍ର): ରାଜ୍ୟରେ ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି । ରାଜ୍ୟରେ ପୂର୍ବରୁ ମୋଟ୍ ୩,୩୩,୯୯,୫୯୧ ଭୋଟର ଥିବା ବେଳେ ଚିଠା ଭୋଟର ତାଲିକାରେ ୩,୧୩,୮୭,୦୩୪ ଭୋଟର ରହିଛନ୍ତି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍ ଏସ୍ ଗୋପାଳନ । ରାଜ୍ୟରେ ବର୍ତ୍ତମାନ ରହିଛନ୍ତି ୩ କୋଟି ୧୩ଲକ୍ଷ ଭୋଟର । ଏସଆଇଆର ପ୍ରକ୍ରିୟାରେ କଟିଛି ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ । ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ୍ ଦେବା ପ୍ରାଥମିକତା ବୋଲି ସିଇଓ କହିଛନ୍ତି । ତେବେ ଭୁଲରେ କାହାର ନାଁ କଟିଥିଲେ ଏନେଇ ଆବେଦନ କରିପାରିବେ । ବିଏଲଓଙ୍କୁ କଲ୍ କରି ଅଥବା ୱେବସାଇଟରେ ନାଁ ଅଛି କି ନାହିଁ ଚେକ୍ କରିହେବ । ନାଁ ନ ଥିଲେ ଫର୍ମ-୬ର ଆନେକ୍ସର-୪ ଅନୁଯାୟୀ ଆବେଦନ କରିହେବ । ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ଆବେଦନ କରିପାରିବା ନେଇ ସୂଚନା ମିଳିଛି । ନାଗରିକମାନେ ଚିଠା ତାଲିକା ଉପରେ ନିଜର ଆପତ୍ତି କିମ୍ବା ନୂତନ ଦାବି ଆଜିଠାରୁ ଆସନ୍ତା ଅଗଷ୍ଟ ୪ ପର୍ଯ୍ୟନ୍ତ ଦାଖଲ କରିପାରିବେ। ସମସ୍ତ ଅଭିଯୋଗର ଯାଞ୍ଚ ଓ ସଂଶୋଧନ ପରେ ଆସନ୍ତା ସେପ୍ଟେମ୍ବର ୬ରେ ଅନ୍ତିମ ବା ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ରାଜ୍ୟର ମୋଟ ୩୧ଟି ନିର୍ବାଚନ ଜିଲ୍ଲାରେ ଏହି ଏସଆଇଆର୍ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଏକ ବଡ଼ ପରିବର୍ତ୍ତନ କରାଯାଇ ଖୋର୍ଦ୍ଧା ଜିଲ୍ଲାରୁ ପୃଥକ କରି 'ଭୁବନେଶ୍ୱର ନିର୍ବାଚନ ଜିଲ୍ଲା' କୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ଗଠନ କରାଯାଇଛି। ବର୍ତ୍ତମାନଠାରୁ କମିଶନର ଏହାର ନିର୍ବାଚନ ସମ୍ବନ୍ଧୀୟ ବ୍ୟାପାରର ତଦାରଖ କରିବେ। ଭୋଟର ତାଲିକାରୁ ନିଜର ମତାଧିକାର ସୁରକ୍ଷିତ ରଖିବା ପାଇଁ ଯୋଗ୍ୟ ନାଗରିକମାନଙ୍କୁ ତୁରନ୍ତ ଚିଠା ତାଲିକାରେ ନିଜ ନାମ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ସାଧାରଣ ଜନତା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସିଆଲ୍ ୱେବସାଇଟ୍, ନିର୍ଦ୍ଦିଷ୍ଟ ପୋଲିଂ ଷ୍ଟେସନ କିମ୍ବା ନିଜ ଅଞ୍ଚଳର ବିଏଲ୍ଓଙ୍କ ଜରିଆରେ ଏହି ଡ୍ରାଫ୍ଟ ଲିଷ୍ଟ ଦେଖିପାରିବେ। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ଶିଶୁ ଯୌନ ଶୋଷଣ ବିଜ୍ଞାପନ ମାମଲା

# ମେଟାକୁ ନୋଟିସ ଜାରି



ନୂଆଦିଲ୍ଲୀ,୫।୭: ଇନଷ୍ଟାଗ୍ରାମ ପ୍ଲାଟଫର୍ମରେ ଶିଶୁ ଯୌନ ଶୋଷଣ ଓ ଅପବ୍ୟବହାର ସାମଗ୍ରୀ ସମ୍ପର୍କିତ ବିଜ୍ଞାପନ ଦେଖାଯାଉଥିବା ଅଭିଯୋଗ ପରେ କେନ୍ଦ୍ର ସରକାର ମେଟାକୁ ନୋଟିସ ଜାରି କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏହି ନୋଟିସରେ ମେଟାକୁ ୭ ଦିନ ମଧ୍ୟରେ ଉତ୍ତର ଦେବାକୁ କୁହାଯାଇଛି।ନୋଟିସରେ ଉଲ୍ଲେଖ କରାଯାଇଛି ଯେ ଇନଷ୍ଟାଗ୍ରାମରୁ ସମସ୍ତ ବିଜ୍ଞାପନ ଓ ବିଷୟବସ୍ତୁକୁ ତୁରନ୍ତ ହଟାଇବା ସହ ଅଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଶିଶୁ ଯୌନ ଶୋଷଣକୁ ପ୍ରୋତ୍ସାହିତ କରୁଛି କିମ୍ବା ସେହିପରି ବିଷୟବସ୍ତୁକୁ ପ୍ରବେଶ ସୁବିଧା ଦେଉଛି।ଏହି ମାମଲା ବିବିସି ଓ ବିବିସି ଓ୍ୱାର୍ଲ୍ଡ ସର୍ଭିସର ଏକ ତଦନ୍ତ ପରେ ସାମ୍ନାକୁ ଆସିଛି। ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଇନଷ୍ଟାଗ୍ରାମରେ ଭାରତରେ ଏପରି ବିଜ୍ଞାପନ ଚଳାଯାଉଛି, ଯେଉଁଥିରେ "ବଳାତ୍କାର ଭିଡିଓ" ଓ "ଶିଶୁ ଭିଡିଓ" ଭଳି ଉପଭୋକ୍ତାଙ୍କୁ ଟେଲିଗ୍ରାମ ଭଳି ଆପ୍‌ରେ ନେଇ ଅବୈଧ ସାମଗ୍ରୀ ବିକ୍ରି କରାଯାଉଥିଲା। ତଦନ୍ତ ପ୍ରକାଶ ପରେ ସରକାର ମେଟା ପ୍ରତିନିଧିଙ୍କୁ ସମନ କରାଯାଇଥିବା ମଧ୍ୟ ସୂଚନା ମିଳିଛି। ଏହାପୂର୍ବରୁ ମଧ୍ୟ ୧ ଜୁଲାଇରେ ମେଟାକୁ ହ୍ୱାଟସଆପ୍ ୟୁଜରନେମ୍ ଫିଚର୍ ସମ୍ପର୍କରେ ନୋଟିସ ଦିଆଯାଇଥିଲା। ଏପଟେ ମେଟା ପକ୍ଷରୁ କୁହାଯାଇଛି ଯେ କମ୍ପାନୀର ସିଏସଏମ୍ ସମ୍ପର୍କିତ ଶୂନ୍ୟ ସହନଶୀଳତା ନୀତି ରହିଛି ଏବଂ ଏହିପରି ବିଷୟବସ୍ତୁ ବିରୋଧରେ ସକ୍ରିୟ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଉନ୍ନତ ଏଆଇ ପ୍ରଯୁକ୍ତି, ସୁରକ୍ଷା ଟିମ୍ ଏବଂ ସହଯୋଗୀ ଏଜେନ୍ସିମାନଙ୍କ ସହ ମିଶି ଏପରି ବିଷୟବସ୍ତୁ ଚିହ୍ନଟ ଓ ଅପସାରଣ କରାଯାଉଥିବା ମେଟା ଦାବି କରିଛି।

## ଶବବାହକ ଗାଡ଼ି ଅଭାବର କରୁଣ ଚିତ୍ର

# ବାଇକ୍‌ରେ ପତ୍ନୀଙ୍କ ମୃତଦେହ ବୋହିଲେ

ଝାରସୁଗୁଡା, ୫।୭(ନିପ୍ର):ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ନେଇ ବିଭିନ୍ନ ଦାବି କରୁଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଶବବାହକ ଗାଡ଼ି ନ ମିଳିବାରୁ ଜଣେ ଅସହାୟ ସ୍ୱାମୀଙ୍କୁ ନିଜ ପତ୍ନୀଙ୍କ ମୃତଦେହକୁ ବାଇକ୍‌ରେ ବାନ୍ଧି ଘରକୁ ନେବାକୁ ପଡ଼ିଥିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ଲଇକେରା ବ୍ଲକ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲି ଗ୍ରାମର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ଶନିବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମୁନ୍ଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଅନୁଯାୟୀ, ମୃତଦେହକୁ ଗ୍ରାମକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇନଥିଲା। ଅନେକ ଅନୁରୋଧ ସତ୍ତ୍ୱେ ସହାୟତା ନ ମିଳିବାରୁ ନରେଶ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ମୃତଦେହକୁ କପଡ଼ାରେ ବାନ୍ଧି ନିଜ ଗ୍ରାମକୁ ଫେରିଥିଲେ। ନରେଶ ଛତ୍ରିଆ କହିଛନ୍ତି, "ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଥିଲି। କିନ୍ତୁ ମୃତଦେହ ନେବା ପାଇଁ କୌଣସି ଗାଡ଼ି ମିଳିଲା ନାହିଁ। ବାଧ୍ୟ ହୋଇ ମୋତେ ମୋଟରସାଇକେଲରେ ପତ୍ନୀଙ୍କ ମୃତଦେହ ଘରକୁ ଆଣିବାକୁ ପଡ଼ିଲା।



## ଭୂଦାନ ଜମିର ବଣ୍ଟନ ଓ ମ୍ୟୁଟେସନ୍

# ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ

- ସମସ୍ତ ଆର୍‌ଡିସି ଓ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

ଭୁବନେଶ୍ୱର,୫।୭: ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ, ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଏବଂ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଫଳରେ ପରବର୍ତ୍ତୀ ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ଏଣୁ ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି ନେଇଛି ।ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର୍), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଏ ନେଇ ଚିଠିଲେଖିଛନ୍ତି । ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ । ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କସପକ୍ଷରେ ଜାରି ଜମି ସମ୍ବନ୍ଧୀୟ ତଥ୍ୟ ପ୍ରମାଣିତ କରି ଏକ ମାସରେ ସରକାରଙ୍କଠାରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ସେଲ୍‌ଫି ନେବା ନିଶା ସାଜିଲା କାଳ

# ଭାସିଗଲେ ୩ ଯୁବକ

କଟକ ,୫।୭(ନିପ୍ର): ବର୍ଷାଋତୁର ଶୀତଳ ସନ୍ଧ୍ୟା ସମୟରେ ସେଲଫି ନେଉଥିବା ବେଳେ ୩ ଜଣ ଯୁବକ ମହାନଦୀରେ ଭାସି ଯାଇଛନ୍ତି। ୨ଜଣଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ଯୁବକ ମାଛୁଆ ବଜାର ଅଞ୍ଚଳର ଆକାଶ ବେହେରା (୨୩)। ସୂଚନା ଅନୁସାରେ କଟକ ମାଛୁଆ ବଜାର ଅଞ୍ଚଳରୁ ରବିବାର ସନ୍ଧ୍ୟାରେ ୩ଜଣ ଯୁବକ ନରାଜ ପୁରୁଣା ବନ୍ଧ ପାଖରେ ବୁଲାବୁଲି ସାଙ୍ଗକୁ ସେଲଫି ନେଉଥିଲେ। ଅକସ୍ମାତ୍ ପାଣିରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଓଡ୍ରାଫ୍ ଟିମ୍‌କୁ ଖବର ଦେଇଥିଲେ। ୨ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଛି। ସୂଚନାଯୋଗ୍ୟ, ଗତମାସ ୨୮ ତାରିଖ ସନ୍ଧ୍ୟାରେ ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀକୁ କଟକର ନୟାବଜାର ନିକଟ ମହିମା ନଗରରେ ରହୁଥିବା ଜଗତସିଂହପୁର ଜିଲ୍ଲା ଲଙ୍କାପଡ଼ା ବାସିନ୍ଦା ପ୍ରଦୀପ୍ତ ସ୍ୱାଇଁଙ୍କ ପୁଅ ପ୍ରତ୍ୟୁଷ, କଟକ ନୟାବଜାର ପୋତାପୋଖରୀର ବାସିନ୍ଦା ନରୋତ୍ତମ ସାହୁଙ୍କ ପୁଅ ଅଜିତ ସାହୁ, ମଧୁପାଟଣା ଥାନା ଅଧୀନ ବେଲେଶ୍ୱର ବାସନ୍ଦା ମୁକ୍ତି ପ୍ରସାଦ ଦାସ ଏବଂ କଲ୍ୟାଣୀ ନଗରର ଅମ୍ଳାନ ପ୍ରସାଦ ନାୟକ ଗାଧୋଇବା ପାଇଁ ଯାଇଥିବା ବେଳେ ମୁକ୍ତି ପ୍ରସାଦ ଉଦ୍ଧାର ହୋଇଥିଲା ଓ ଅନ୍ୟ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ଲାଞ୍ଚ ନେଇ ସରପଞ୍ଚ ଗିରଫ

ଭୁବନେଶ୍ୱର,୫।୭(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲାର ନିମ୍ନା ଗ୍ରାମପଞ୍ଚାୟତ ସରପଞ୍ଚ ମାଛଚାଷ ପାଇଁ ସବସିଡି ମଞ୍ଜୁର କରାଇବା ନାମରେ ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ରବିବାର ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ନିମ୍ନାଗ୍ରାମପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେଙ୍କୁ ଓଡ଼ିଶା ଭିଜିଲାନ୍ସ ଲାଞ୍ଚଦାବି କରିବା ଏବଂ ୨୦,୦୦୦ ଟଙ୍କା ଲାଞ୍ଚଗ୍ରହଣ କରୁଥିବା ସମୟରେ ଧରିଛି ।ଅଭିଯୋଗ ଅନୁଯାୟୀ, ଗ୍ରାମପଞ୍ଚାୟତ ପୋଖରୀରେ ମାଛଚାଷ କରିବା ପାଇଁ ଆବଶ୍ୟକଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ଏବଂ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କସପକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରୁ ସବସିଡି ରାଶି ମୁକ୍ତ କରାଇବା ପାଇଁ ସରପଞ୍ଚ ୨୦,୦୦୦ ଲାଞ୍ଚ ଦାବିକରିଥିଲେ। ଉଲ୍ଲେଖଯୋଗ୍ୟ ଯେ,ଉକ୍ତ ସ୍ୱୟଂ ସହାୟକଗୋଷ୍ଠୀ ମାଛଚାଷ ଉଦ୍ଦେଶ୍ୟରେ ପାଞ୍ଚ ବର୍ଷ ପାଇଁ ଗ୍ରାମପଞ୍ଚାୟତ ପୋଖରୀକୁ ଲିଜ୍‌ରେ ନେଇଛନ୍ତି। ପ୍ରଥମେ ଅଭିଯୁକ୍ତ ସରପଞ୍ଚ ଏହି କାମ ପାଇଁ ୪୦,୦୦୦ ଲାଞ୍ଚ ଦାବିକରିଥିଲେ। କିନ୍ତୁ ଏସ୍‌ଏଚଜିର କର୍ମକର୍ତ୍ତା ଏତେ ଟଙ୍କା ଦେବାରେ ଅସମର୍ଥତା ପ୍ରକାଶ କରିଥିଲେ। ପରବର୍ତ୍ତୀ ଆଲୋଚନା ପରେ ସରପଞ୍ଚ ଲାଞ୍ଚ ରାଶିକୁ ୨୦,୦୦୦କୁ କମାଇଥିଲେ। ପରେ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସର ଶରଣାପନ୍ନ ହୋଇଥିଲେ।



# ଲଗାଣ ବର୍ଷା: ସବୁଠି ଉବୁଟୁବୁ

- ବଲାଙ୍ଗିର ପୁଇଁତଲାରେ କାନ୍ଥପଡ଼ି ଜଣଙ୍କ ମୃତ୍ୟୁ
- କାଠ ସଂଗ୍ରହ ପାଇଁ ଫସିଥିବା ମହିଳା ଉଦ୍ଧାର
- ଆଡ଼େଣିଗଡ଼ ରେଳ ଟନେଲ୍‌ରେ ପାଣି



ଭୁବନେଶ୍ୱର,୫।୭: ରାଜ୍ୟରେ ଗତ ୩-୪ ଧରି ଲଗାଣ ବର୍ଷା ପରେ ଅବପାତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ବିଭିନ୍ନ ସ୍ଥାନରେ ସ୍ଥିତି ଗମ୍ଭୀର ରହିଛି। ଗାଁରୁ ସହର, ଘର-ବାହାର, ରାସ୍ତାଘାଟରୁ ଚାଷଜମି , ସବୁଠି ଉବୁଟୁବୁ ପାଣି । ବହୁ ସମସ୍ୟା ଭୋଗୁଛନ୍ତି ତଳିଆ ଅଞ୍ଚଳ ଓ ନଈକୂଳିଆ ବାସିନ୍ଦା । ଦ୍ୱୈତନଗରୀ ଭୁବନେଶ୍ୱର-କଟକ ସ୍ଥିତି ବି ସଙ୍ଗୀନ । ସେପଟେ ବଲାଙ୍ଗିର ଜିଲ୍ଲା ପୁଇଁତଲାରେ କାନ୍ଥପଡ଼ି ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ବେଳେ ବୌଦ୍ଧରେ ୨ ମହିଳାଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛନ୍ତି ଦେବଦୂତ । ଖବର ଅନୁଯାୟୀ,ପୁଇଁତଲା ପଥର୍ଲା ପଞ୍ଚାୟତ ଅନ୍ତର୍ଗତ ଲୁହୁରେନପାଲି ଗାଁରେ ଅଘଟଣ ଘଟିଛି। ଗଣ୍ଡାରାମ କୁମ୍ଭାର (୬୫) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କୁମ୍ଭାର ଗତ ରାତିରେ ନିଜ ଝାଟିମାଟି ଘରେ ଶୋଇଥିଲେ ।ରାତି ସାରା ଲାଗି ରହିଥିବା ପ୍ରବଳ ବର୍ଷାରେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଉଭୟ ସ୍ୱାମୀ-ସ୍ତ୍ରୀ ଘର ଭିତରେ ଚାପି ହୋଇଯାଇଥିଲେ। ରବିବାର ସକାଳେ ପଡ଼ୋଶୀମାନେ ଘଟଣା ଜାଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ଲକ୍ଷ୍ମୀ କୁମ୍ଭାରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲ୍କୁ ପଠାଯାଇଥିଲା। ହେଲେ, ଗଣ୍ଡାରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୁଇନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲା। ଅନ୍ୟ ଘଟଣ ଅନୁଯାୟୀ ବୌଦ୍ଧ ଜିଲ୍ଲାର ଲକ୍ଷ୍ମୀପଦର ଗାଁର ଯଶବନ୍ତି ନାୟକ ଏବଂ ତାଙ୍କ ସମ୍ପର୍କୀୟ କୁମାରୀ ମାଝୀ ଫସି ରହିଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।ରାଜ୍ୟରେ ୪ ଦିନ ହେବ ଲଗାଣ ବର୍ଷ ହେଉଥିବାବେଳେ ନଦୀରେ ବଢ଼ିବାରେ ଲାଗିଥିଲା ଜଳସ୍ତର । କାଠ ସଂଗ୍ରହ ପାଇଁ ଉଭୟ ମହିଳା ଯାଇଥିବାବେଳେ ସାଙ୍କୁଲି ନଦୀ ପାଲଝାର ଡ୍ୟାମର ତଳ ମୁଣ୍ଡରେ ଉଭୟ ଫସି ରହିଥିଲେ । ସେମାନେ ଏକ ବୁଦାକୁ ଜାବୁଡ଼ି ରହିଥିଲେ । ଜୀବନ ମରଣ ସହ ସଂଗ୍ରାମ କରୁଥିବାବେଳେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରାଯାଇଥିବାବେଳେ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୁରକ୍ଷିତ ଉଦ୍ଧାର ହେବା ପରେ ପରିବାର ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି । ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି । ସେପଟେ ରାଜ୍ୟର ସବୁଠାରୁ ବଡ଼ ନିର୍ମାଣାଧୀନ ରେଳ ଟନେଲ୍ ଭିତରେ ପଶିଲା ବର୍ଷା ପାଣି । ଲଗାଣ ବର୍ଷା ଯୋଗୁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ବୌଦ୍ଧ ଜିଲା ଆଡ଼େଣିଗଡ଼ ରେଳ ଟନେଲ୍‌ରେ ପାଣି ପଶିଛି । ମାଟି ଅତଡ଼ା ଖସି ଟନେଲ ପୋତି ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି । ଟନେଲ ନିକଟରେ ଘାଇ ସୃଷ୍ଟି ହେବା ଫଳରେ ଭିତରେ ପଶୁଛି ବର୍ଷା ପାଣି।

## ୬୪ ସ୍ଥାନରେ ହୋଇଛି ଭୀଷଣ ବର୍ଷା

### କନ୍ଧମାଳ ଖଜୁରିପଡାରେ ସର୍ବାଧିକ ୨୭୬.୦ ମି.ମି.

ଭୁବନେଶ୍ୱର : ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୯ଟି ସ୍ଥାନରେ ଭୀଷଣରୁ ଅତି ଭୀଷଣ ବର୍ଷା, ୪୭ଟି ସ୍ଥାନରେ ଅତି ଭୀଷଣ ବର୍ଷା ଏବଂ ୬୪ଟି ସ୍ଥାନରେ ଭୀଷଣ ବର୍ଷା ହୋଇଛି । କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ସର୍ବାଧିକ ୨୭୬.୦ ମି.ମି. ବର୍ଷା ରେକର୍ଡ ହୋଇଛି । ସେହିପରି ବଲାଙ୍ଗିର ଜିଲ୍ଲାର ତୁରେଇକେଲାରେ ୨୬୪.୦ ମି.ମି., କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୨୨୪.୪ ମି.ମି., ଫିରିଙ୍ଗିଆରେ ୨୨୩.୬ ମି.ମି., ଜି. ଉଦୟଗିରିରେ ୨୨୦.୦ ମି.ମି., ଟିକାବାଲିରେ ୨୧୭.୦ ମି.ମି., ବାଲିଗୁଡାରେ ୨୧୦.୦ ମି.ମି., ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ରେ ୨୦୫.୪ ମି.ମି., କନ୍ଧମାଳ ଜିଲ୍ଲାର ଚକାପାଦରେ ୨୦୪.୬ ମି.ମି., କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲିରେ ୧୯୫.୦ ମି.ମି., ନୂଆପଡା ଜିଲ୍ଲାର କୋମନାରେ ୧୯୩.୦ ମି.ମି., କନ୍ଧମାଳ ଜିଲ୍ଲାର ରାଇକିଆରେ ୧୯୦.୬ ମି.ମି. ଏବଂ ନୟାଗଡ଼ ଜିଲ୍ଲାର ଭାପୁରରେ ୧୯୦.୩ ମି.ମି. ବର୍ଷା ରେକର୍ଡ ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ସ୍ୱାଭାବିକଠାରୁ ୪% ଅଧିକ ବର୍ଷା

ଭୁବନେଶ୍ୱର: ଚଳିତ ମୌସୁମୀ ଋତୁରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିଛି। ଜୁନ୍ ୧ ତାରିଖରୁ ଏଯାବତ୍ ଓଡ଼ିଶାରେ ମୋଟ ୨୬୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୪ ପ୍ରତିଶତ ଅଧିକ। ଏ ନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।ସୂଚନା ଅନୁଯାୟୀ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ, ୬ଟି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି। ସୁନ୍ଦରଗଡ଼, ଝାରସୁଗୁଡା, ଦେବଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସେ କହିଛନ୍ତି।

CMYK

# ଅଣବସର ସମୟରେ...
# ସୁନା ପିନ୍ଧନ୍ତିନି ଦଇତାପତି



ଶ୍ରୀ ପରଂବ୍ରହ୍ମ ଦାରୁଦେବତା ଚତୁର୍ଦ୍ଧାମୂରତି ରୂପେ ଶ୍ରୀକ୍ଷେତ୍ରରେ ବିରାଜିତ । ଏହି ମର୍ତ୍ତ୍ୟ ବୈକୁଣ୍ଠରେ ପ୍ରଭୁ ମନୁଷ୍ୟ ପରି ଲୀଳା କରୁଛନ୍ତି । ସେହିପରି ଅଣସର ଓ ମହାଅଣସର ମହାପ୍ରଭୁଙ୍କ ବିରଳ ଲୀଳା ଅଣସର ପ୍ରତି ବର୍ଷ ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ୧୫ ଦିନ ଗୁପ୍ତ ସେବାରେ ଅଣସର ଗୃହରେ ଦଇତାପତିଙ୍କ ଗୋଷ୍ଠୀ ସେବା କରନ୍ତି ଓ ମହାଅଣସର କନକଳେବର ସମୟରେ ୪୫ ଦିନ ଗୁପ୍ତ ସେବା କରାଯାଏ । ଏହି ଗୁପ୍ତ ସେବାରେ ଗୋଷ୍ଠୀଗତ ଭାବେ ଦଇତାପତି ପରିବାର କଡ଼ାକଡ଼ି ଭାବେ ନିର୍ଦ୍ଦିଷ୍ଟ ନିୟମକୁ ପାଳନ କରନ୍ତି । ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କର ଅଣସର ଘରେ ଚାଲିଥାଏ ଗୁପ୍ତ ସେବା । ତାଙ୍କ ସେବାରେ ଲାଗିଛନ୍ତି ଦଇତା ସେବକ । ଏହି ସମୟରେ କେବଳ ଦଇତା କାହିଁକି ତାଙ୍କ ପୂରା ପରିବାର ନିୟମକୁ ମାନି ଚଳିଥାନ୍ତି । ଅଣସର ଓ ମହାଅଣସର ସମୟରେ ଦଇତା ପରିବାର ଶୁଦ୍ଧପୂତ ଭାବେ ସେବା କରନ୍ତି । ସ୍ନାନ ପୂର୍ଣ୍ଣିମା ଆଗରୁ ସେମାନଙ୍କ ଘରର ସବୁ ଜିନିଷକୁ ସଫା ସୁତୁରା କରାଯାଏ । ସ୍ନାନ ପୂର୍ଣ୍ଣିମା ଦିନ ମହାପୁରୁଙ୍କ ଗାଧୁଆ ପାଣି ଆଣି ଘରର ବଡ଼ ବଡ଼ୁଆଙ୍କୁ ଅର୍ପଣ କରନ୍ତି । ସ୍ନାନ ଜଳ ହାଣ୍ଡି ପଡ଼ିବା ପରେ ଦଇତାଙ୍କ ଘରେ ହବିଷ୍ୟାନ୍ନ ରନ୍ଧା ଆରମ୍ଭ ହୁଏ । ଘରର ମହିଳା ପାଟଶାଢ଼ୀ ପିନ୍ଧି କାଠ ଚୁଲିରେ ହବିଷ୍ୟାନ୍ନ ରାନ୍ଧିବା ଆରମ୍ଭ କରନ୍ତି । ଯେଉଁମାନଙ୍କର ଚୁଲି ନାହିଁ ସେମାନେ ଗ୍ୟାସରେ ହବିଷ୍ୟାନ୍ନ ରାନ୍ଧନ୍ତି । ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ରନ୍ଧାଯାଏ ସେହିଭଳି ଘରେ ରନ୍ଧାଯାଏ । ଦଇତା ପରିବାରରେ ପିଲାଠୁ ବୟସ୍କ ସମସ୍ତେ ଦିନକୁ ଥରେ ହବିଷ୍ୟାନ୍ନ ଖାଆନ୍ତି । ଘରର କେହି ଯଦି ବାହାରେ ଚାକିରି କରିଥିବେ ସେମାନେ ଯାହା ହେଲେବି ଏହି ୧୫ ଦିନ ଛୁଟିନେଇ ଘରକୁ ଆସନ୍ତି । ଶୁଦ୍ଧପୂତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସେବା , ସମସ୍ତ ନୀତି ନିୟମ ପାଳନ କରିଥାନ୍ତି । ବିବାହିତ ଝିଅମାନେ କି ପରିବାରର ବନ୍ଧୁବାନ୍ଧବ ଏହି ସମୟରେ ମଧ୍ୟ ଘରକୁ ଆସନ୍ତି ନାହିଁ । ଯେହେତୁ ଅଣବସର ସମୟରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ଥାନ୍ତି, ଏବଂ ଖଟ, ପଲଙ୍କ, ଗଦୀ , ମାଣ୍ଡି କିଛି ବ୍ୟବହାର କରନ୍ତିନାହିଁ । ତେଣୁ ତାଙ୍କ ସେବାରେ ଥିବା ଦଇତାପତିମାନେ ମଧ୍ୟ ଘରେ ଏସବୁ ବ୍ୟବହାର କରନ୍ତି ନାହିଁ କି ଏହି ସମୟରେ ଦଇତା ସୁନା ବି ପିନ୍ଧନ୍ତି ନାହିଁ । ସବୁ ସୁଖରୁ ଦୂରେଇରହି ନିଷ୍ଠାର ସହ ମହାପ୍ରଭୁଙ୍କ ସେବାରେ ରୁହନ୍ତି ।



# ଏକ ଚିରସ୍ମରଣୀୟ
# ଗୁରୁ ଦକ୍ଷିଣା



କୌରବ ଓ ପାଣ୍ଡବମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷାଦାନ କରୁଥିବା ଗୁରୁ ଦ୍ରୋଣାଚାର୍ଯ୍ୟ ରାଜକୁମାରମାନଙ୍କୁ ଯୁଦ୍ଧବିଦ୍ୟାରେ ପାରଙ୍ଗମ କରାଉଥିଲେ। ସେହି ସମୟରେ ଶବର ବଂଶର ଜଣେ ପ୍ରତିଭାଶାଳୀ ବାଳକ ଏକଲବ୍ୟ ଧନୁର୍ବିଦ୍ୟା ଶିଖିବାର ଆଶା ନେଇ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଆସିଥିଲେ। ସେ ସାଷ୍ଟାଙ୍ଗ ପ୍ରଣାମ କରି ବିନମ୍ରତାର ସହ ଧନୁର୍ବିଦ୍ୟା ଶିକ୍ଷା ପାଇଁ ପ୍ରାର୍ଥନା କଲେ। ଗୁରୁ ଦ୍ରୋଣାଚାର୍ଯ୍ୟ ଦୟାଳୁ, କର୍ତ୍ତବ୍ୟନିଷ୍ଠ ଓ ଜ୍ଞାନୀ ଗୁରୁ ଥିଲେ। ସେ ବିଦ୍ୟାର୍ଥୀଙ୍କ ମନରେ ଜିଜ୍ଞାସା ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବାରେ ସିଦ୍ଧହସ୍ତ ଥିଲେ। କିନ୍ତୁ ରାଜଗୁରୁ ହୋଇଥିବାରୁ ଏବଂ ଦୁର୍ଯ୍ୟୋଧନଙ୍କ ବିରୋଧ ଯୋଗୁଁ ସେ ଏକଲବ୍ୟଙ୍କୁ ଶିକ୍ଷା ଦେଇପାରିଲେ ନାହିଁ। ଦୁର୍ଯ୍ୟୋଧନ କହିଥିଲେ, "ଶବର ବଂଶର ଜଣେ ବାଳକ କିପରି କ୍ଷତ୍ରିୟ ରାଜକୁମାରମାନଙ୍କ ସହ ଯୁଦ୍ଧବିଦ୍ୟା ଶିଖିପାରିବ ?" ପରିସ୍ଥିତିର ଚାପରେ ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କୁ ଫେରାଇ ଦେଲେ। ନିରାଶ ମନରେ ଏକଲବ୍ୟ ସେଠାରୁ ଚାଲିଗଲେ। କିନ୍ତୁ ପ୍ରକୃତ ଶିକ୍ଷାର୍ଥୀଙ୍କ ପାଇଁ ପ୍ରତିକୂଳ ପରିସ୍ଥିତି କେବେ ବାଧା ହୋଇପାରେ ନାହିଁ। ଏକଲବ୍ୟ ଦ୍ରୋଣାଚାର୍ଯ୍ୟଙ୍କ ଆଶ୍ରମ ନିକଟରେ ଏକ କୁଟୀର ନିର୍ମାଣ କରି ସେଠାରେ ଗୁରୁଙ୍କର ଏକ ମୂର୍ତ୍ତି ସ୍ଥାପନ କଲେ। ସେହି ମୂର୍ତ୍ତିକୁ ଗୁରୁ ଭାବେ ମାନି ନିଜ ଅକ୍ଳାନ୍ତ ପରିଶ୍ରମ ଓ ଅଭ୍ୟାସ ବଳରେ ଧନୁର୍ବିଦ୍ୟା ଶିଖିଲେ। କିଛି ବର୍ଷର ନିରନ୍ତର ସାଧନା ପରେ ସେ ଜଣେ ଅତ୍ୟନ୍ତ ଦକ୍ଷ ଧନୁର୍ଦ୍ଧର ଭାବେ ପରିଚିତ ହେଲେ।

ଦିନେ ପାଣ୍ଡବମାନେ ବନକୁ ଯାଇଥିବାବେଳେ ଏକଲବ୍ୟଙ୍କ ଅଦ୍ଭୁତ ଧନୁର୍ବିଦ୍ୟା ଦେଖି ଆଶ୍ଚର୍ଯ୍ୟଚକିତ ହେଲେ। ପରେ ଗୁରୁ ଦ୍ରୋଣାଚାର୍ଯ୍ୟ ମଧ୍ୟ ସେଠାରେ ପହଞ୍ଚି ଏକଲବ୍ୟଙ୍କ ଧନୁଚାଳନା ଦେଖି ପଚାରିଲେ, "ତୁମର ଗୁରୁ କିଏ ?" ଏକଲବ୍ୟ ବିନମ୍ରତାର ସହ ପ୍ରଣାମ କରି କହିଲେ, "ଗୁରୁଦେବ, ଆପଣ ମୋତେ ଶିକ୍ଷା ଦେଇପାରିନଥିଲେ। କିନ୍ତୁ ମୁଁ ଆପଣଙ୍କ ପ୍ରତିମା ସ୍ଥାପନ କରି ତାହାକୁ ଗୁରୁ ଭାବେ ମାନି ଧନୁର୍ବିଦ୍ୟା ଶିଖିଛି।" ଏକଲବ୍ୟଙ୍କ ଗୁରୁଭକ୍ତି ଦେଖି ଦ୍ରୋଣାଚାର୍ଯ୍ୟ ପ୍ରସନ୍ନ ହେଲେ। ଏହାପରେ ଏକଲବ୍ୟ ବିନୟର ସହ କହିଲେ, "ଗୁରୁଦେବ, ମୋଠାରୁ ଗୁରୁଦକ୍ଷିଣା ଗ୍ରହଣ କରନ୍ତୁ।"

ଦ୍ରୋଣାଚାର୍ଯ୍ୟ ଅର୍ଜୁନଙ୍କୁ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର କରିବାର ପ୍ରତିଜ୍ଞା ସ୍ମରଣ କରି ଏକଲବ୍ୟଙ୍କ ଡାହାଣ ହାତର ବୃଦ୍ଧାଙ୍ଗୁଳିକୁ ଗୁରୁଦକ୍ଷିଣା ଭାବେ ମାଗିଲେ। ଗୁରୁଙ୍କ ଆଦେଶକୁ ସର୍ବୋପରି ମାନି ଏକଲବ୍ୟ କୌଣସି ଦ୍ୱିଧା ନ କରି ନିଜ ଡାହାଣ ହାତର ବୃଦ୍ଧାଙ୍ଗୁଳି କାଟି ଗୁରୁଙ୍କ ଚରଣରେ ଅର୍ପଣ କଲେ। ଏକଲବ୍ୟଙ୍କ ଏହି ଅଦ୍ୱିତୀୟ ଗୁରୁଭକ୍ତି, ତ୍ୟାଗ ଓ ସମର୍ପଣ ଭାରତୀୟ ସଂସ୍କୃତିରେ ଚିରସ୍ମରଣୀୟ ହୋଇ ରହିଛି। ତାଙ୍କ ଜୀବନ ଆମକୁ ଶିଖାଏ ଯେ ନିଷ୍ଠା, ପରିଶ୍ରମ ଓ ଗୁରୁଙ୍କ ପ୍ରତି ସମ୍ମାନ ମଣିଷକୁ ପ୍ରକୃତ ମହାନତାର ଶିଖରରେ ପହଞ୍ଚାଇଥାଏ।

*-ପରୀକ୍ଷିତ ମିଶ୍ର*
*ରାଜଗଡ଼, ମହାକାଳପଡ଼ା*
*କେନ୍ଦ୍ରାପଡ଼ା ,ମୋ -୭୮୫୪୮୨୧୯୬୧*

# ଯଦି ଶବ୍ଦ ଭଲ
# ଜୀବନ ଭଲ

ଜୀବନ ସଂହିତା ହେଉଛି ଜୀବନକୁ ସଠିକ୍ ଭାବରେ ବଞ୍ଚିବା ପାଇଁ ନିୟମ ଏବଂ ନୀତିଗୁଡ଼ିକର ଏକ ପ୍ରକ୍ରିୟା । ଏହା ଜଣେ ବ୍ୟକ୍ତିକୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରେ। ସତ୍ୟ, ଅହିଂସା, କରୁଣା, କଠିନ ପରିଶ୍ରମ, ସମର୍ପଣ, ଶୃଙ୍ଖଳା ଏବଂ ସେବା ଭଳି ମୂଲ୍ୟବୋଧ ଜୀବନ ସଂହିତାର ଅଂଶ। ଜୀବନ ସଂହିତା ପାଳନ କରୁଥିବା ବ୍ୟକ୍ତି ସମାଜରେ ସମ୍ମାନ ପାଏ। ଜୀବନ ସଂହିତା କେବଳ ସଫଳତା ଆଣିଥାଏ ତାହା ନୁହେଁ ବରଂ ମନର ଶାନ୍ତି ମଧ୍ୟ ଆଣିଥାଏ। ଜୀବନ ସଂହିତାର ମୌଳିକ ନୀତିଗୁଡ଼ିକ ହେଉଛି ସତ୍ୟ, ଅହିଂସା, କରୁଣା, ଶୃଙ୍ଖଳା ଏବଂ ସେବା। ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ମୂଲ୍ୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ସର୍ବଦା ସମ୍ମାନ ଆଦେଶ ଦିଅନ୍ତି। ଅହିଂସା ଅର୍ଥ କାହା ବିରୋଧରେ ହିଂସାତ୍ମକ ବ୍ୟବହାର ନ କରିବା। ଏହା କେବଳ ଶାରୀରିକ ହିଂସା ନୁହେଁ ବରଂ ଚିନ୍ତା ଏବଂ ବାଣୀରେ ହିଂସା ତ୍ୟାଗ କରିବା ମଧ୍ୟ। ଅନ୍ୟମାନଙ୍କର ଯନ୍ତ୍ରଣା ଅନୁଭବ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ହେଉଛି କରୁଣା। ଏହା ମାନବତାର ପ୍ରତୀକ। ଶୃଙ୍ଖଳା ବିନା ଜୀବନ ବିଫଳତା। ସମୟକୁ ମନରେ ରଖି କାମ କରିବା ସଫଳତା ଆଡ଼କୁ ନେଇଯାଏ। ସମାଜ ଏବଂ ଦେଶ ପାଇଁ କାମ କରିବା ଜୀବନର ସର୍ବୋତ୍ତମ କର୍ତ୍ତବ୍ୟ। ଶବ୍ଦ ବ୍ରହ୍ମ ଏବଂ ଜୀବନ ସଂହିତା ପରସ୍ପର ନିର୍ଭରଶୀଳ। ଶବ୍ଦ ମାଧ୍ୟମରେ ଜଣେ ବ୍ୟକ୍ତି ଜୀବନ ସଂହିତା ଶିଖେ। ଧାର୍ମିକ ଗ୍ରନ୍ଥ, ଶିକ୍ଷା, ଭାଷଣ ଏବଂ ସାହିତ୍ୟ ନୈତିକ ମୂଲ୍ୟବୋଧ ଶିଖାଏ। ଯଦି ଶବ୍ଦ ଭଲ, ଜୀବନ ମଧ୍ୟ ଭଲ। ମଧୁର ଶବ୍ଦ ଏବଂ ସତ୍ୟବାଦୀ ଆଚରଣ ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଏପରି ଶବ୍ଦ ଜୀବନର ନିୟମର ମୂଳଦୁଆ। ଯଦି ଆମେ ସାହିତ୍ୟରେ ଶବ୍ଦ ବ୍ରହ୍ମ ବିଷୟରେ ଆଲୋଚନା କରିବା। ତେବେ ଆମେ ଅନୁଭବ କରିପାରୁଛୁ ଯେ ସାହିତ୍ୟ ହେଉଛି ଶବ୍ଦର ଏକ କଳାତ୍ମକ ରୂପ। କବି, ଲେଖକ ଏବଂ ସାହିତ୍ୟିକମାନେ ଶବ୍ଦ ମାଧ୍ୟମରେ ସମାଜକୁ ଶିକ୍ଷା ଦିଅନ୍ତି। ଓଡ଼ିଆ ସାହିତ୍ୟରେ ସରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ସେନାପତି ଏବଂ ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ସେମାନଙ୍କ କୃତିରେ ଜୀବନର ନିୟମ ଶିକ୍ଷା ଦେଇଛନ୍ତି। ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ। ଯଦି ସେମାନେ ଜୀବନର ନିୟମ ପାଳନ କରନ୍ତି ତେବେ ସମାଜର ଉନ୍ନତି ହେବ। ଯୁବପିଢ଼ି ସତ୍ୟବାଦୀ, ଶୃଙ୍ଖଳିତ ଏବଂ ନୀତିବାଦୀ ହେବା ଉଚିତ। ଶବ୍ଦର ସଠିକ୍ ବ୍ୟବହାର ମାଧ୍ୟମରେ ସେମାନେ ସମାଜରେ ଶାନ୍ତି ଏବଂ ଏକତା ସ୍ଥାପନ କରିପାରିବେ।



# ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ଭଲ ମଣିଷ ଗଢ଼ିବା

ଶିକ୍ଷା କେବଳ ପୁସ୍ତକରୁ ଜ୍ଞାନ ଆହରଣ କରିବା ନୁହେଁ। ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ କରିବା। ଶିକ୍ଷା ମାଧ୍ୟମରେ ଜୀବନର ନିୟମର ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ। ଯଦି ସ୍କୁଲ ଏବଂ କଲେଜରେ ନୈତିକ ଶିକ୍ଷା ଦିଆଯାଏ, ତେବେ ଶିକ୍ଷାର୍ଥୀମାନେ ସଠିକ୍ ପଥ ଅନୁସରଣ କରିବେ। ଆଧ୍ୟାତ୍ମିକ ଜୀବନରେ ଶବ୍ଦ ବ୍ରହ୍ମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ତ୍ର ଜପ, ଧ୍ୟାନ ଏବଂ ସ୍ତୁତି ଗାନ ଦ୍ୱାରା ଆଧ୍ୟାତ୍ମିକ ଶାନ୍ତି ମିଳିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ତରର ସ୍ୱର ଶୁଣିପାରି, ସେତେବେଳେ ସେ ସତ୍ୟକୁ ଅନୁଭବ କରେ ଆଉ ଏହା ହେଉଛି ଆତ୍ମ-ଜ୍ଞାନର ପଥ। ଶବ୍ଦଗୁଡ଼ିକ ମାନବ ସମ୍ପର୍କର ମୂଳଦୁଆ। ଆମେ ଜାଣିଛନ୍ତି ମିଠା ଶବ୍ଦ ସମ୍ପର୍କକୁ ମଜଭୁତ କରେ ଆଉ କଟୁ ଶବ୍ଦ ସେଗୁଡ଼ିକୁ ଭାଙ୍ଗିଦିଏ। ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ। ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି। ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି। ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ। ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ। ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି। ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ। ଶବ୍ଦ ମାଧ୍ୟମରେ ଲୋକମାନେ ଜ୍ଞାନ, ଭକ୍ତି ଏବଂ ନୈତିକତା ଶିଖନ୍ତି। ଆଜିର ସମାଜରେ ଯଦି ଲୋକମାନେ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପାଳନ କରନ୍ତି ତେବେ ଏ ବିଶ୍ୱ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ମାଧୁର୍ଯ୍ୟମୟ ହୋଇ ଉଠିବ ।

*-ଡ. ଅମୂଲ୍ୟ କୁମାର ପଣ୍ଡା*
*ମୋ - ୮୨୪୯୫୦୨୭୭୬*

## ଶୁଭ କାମ ବା ପୂଜା ପାଠରେ କାହିଁକି ପିନ୍ଧନ୍ତିନି...
# କଳା ରଙ୍ଗର ପୋଷାକ

ପୂଜା, ଉପବାସ, ଯଜ୍ଞ, ବିବାହ ଏବଂ ଅନ୍ୟାନ୍ୟ ଶୁଭ କାର୍ଯ୍ୟକ୍ରମରେ ପୋଷାକର ବିଶେଷ ଗୁରୁତ୍ୱ ରହିଛି। ତଥାପି, ପ୍ରାଚୀନ ଏବଂ ଧାର୍ମିକ ବିଦ୍ୱାନମାନେ ପ୍ରାୟତଃ ଏପରି ଅବସରରେ କଳା ପୋଷାକ ପିନ୍ଧିବାକୁ ପରାମର୍ଶ ଦିଅନ୍ତି ନାହିଁ। ସେଥିପାଇଁ ଲୋକମାନେ ମନ୍ଦିର ଏବଂ ଧାର୍ମିକ ରୀତିନୀତି କିମ୍ବା ପର୍ବ ସମୟରେ ହଳଦିଆ, ଧଳା, ଲାଲ, ସବୁଜ କିମ୍ବା କେଶର ରଙ୍ଗର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି କଳା ରଙ୍ଗକୁ ଶୁଭ କାର୍ଯ୍ୟକଳାପ ପାଇଁ ଉପଯୁକ୍ତ କାହିଁକି ବିବେଚନା କରାଯାଏ ନାହିଁ ? ଆସନ୍ତୁ ଏହା ପଛରେ ଥିବା ଧାର୍ମିକ ବିଶ୍ୱାସକୁ ସରଳ ଭାଷାରେ ବୁଝିବା।



### ଧାର୍ମିକ ବିଶ୍ୱାସରେ କଳା ରଙ୍ଗର ଗୁରୁତ୍ୱ କ'ଣ ?

ହିନ୍ଦୁ ପରମ୍ପରାରେ, କଳା ରଙ୍ଗକୁ ପ୍ରାୟତଃ ଅନ୍ଧକାର, ରହସ୍ୟ ଏବଂ ନକାରାତ୍ମକ ଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ। ଧାର୍ମିକ ଗ୍ରନ୍ଥ ଏବଂ ପରମ୍ପରା ଅନୁସାରେ, ପୂଜା ହେଉଛି ନିଜ ଜୀବନରେ ସକାରାତ୍ମକତା, ପବିତ୍ରତା ଏବଂ ଦିବ୍ୟ ଶକ୍ତିକୁ ଆମନ୍ତ୍ରଣ କରିବା। ଫଳସ୍ୱରୂପ, ହାଲୁକା ଏବଂ ଉଜ୍ଜ୍ୱଳ ରଙ୍ଗକୁ ଶୁଭ ବୋଲି ବିବେଚନା କରାଯାଏ, ଯେତେବେଳେ କଳାକୁ ଏଡାଇବାକୁ ପରାମର୍ଶ ଦିଆଯାଏ। ଏହି କାରଣରୁ ଧାର୍ମିକ କାର୍ଯ୍ୟକ୍ରମରେ କଳା ପିନ୍ଧିବା ପ୍ରଥା ନୁହେଁ। ତଥାପି, ଏହାର ଅର୍ଥ ନୁହେଁ ଯେ କଳା ସମ୍ପୂର୍ଣ୍ଣ ଭାବରେ ଅଶୁଭ; ବରଂ, କଳା ବ୍ୟତୀତ ଅନ୍ୟ ରଙ୍ଗଗୁଡ଼ିକୁ କେବଳ ଶୁଭ ଏବଂ ଉତ୍ସବକାଳୀନ ଅବସରରେ ଅଧିକ ଗୁରୁତ୍ୱ ଦିଆଯାଏ।

### ଜ୍ୟୋତିଷ କ'ଣ କୁହନ୍ତି ?

ଜ୍ୟୋତିଷ ଅନୁସାରେ, କଳା ରଙ୍ଗ ମୁଖ୍ୟତଃ ଶନି ଗ୍ରହ ସହିତ ଜଡିତ। ଶନିଙ୍କୁ ନ୍ୟାୟର ଦେବତା ଏବଂ କର୍ମର ଫଳ ପ୍ରଦାନକାରୀ ଗ୍ରହ ଭାବରେ ଜଣାଶୁଣା। ବିପରୀତରେ, ବିବାହ, ଗୃହସ୍ଥାପନ ଉତ୍ସବ, ନାମକରଣ ବିଧି କିମ୍ବା ପୂଜା ପରି ଘଟଣାଗୁଡ଼ିକ ବୃହସ୍ପତି, ସୂର୍ଯ୍ୟ ଏବଂ ଚନ୍ଦ୍ର ସହିତ ଜଡିତ ଶୁଭ ପ୍ରଭାବକୁ ପ୍ରାଥମିକତା ଦିଅନ୍ତି। ଏପରି ବିଶ୍ୱାସ କରାଯାଏ ଯେ ଏପରି ଅବସରରେ ହଳଦିଆ, ଧଳା, କମଳା କିମ୍ବା ଲାଲ ରଙ୍ଗ ପିନ୍ଧିବା ସକାରାତ୍ମକ ଶକ୍ତିର ପ୍ରବାହକୁ ବୃଦ୍ଧି କରେ ଏବଂ ଶୁଭ ଫଳ ପ୍ରଦାନ କରେ। ଏହି କାରଣରୁ, କଳା ରଙ୍ଗ ପରିହାର କରିବା ସୁପାରିଶ କରାଯାଏ।



### ପୂଜା ସମୟରେ ହାଲୁକା ରଙ୍ଗକୁ କାହିଁକି ପ୍ରାଥମିକତା ଦିଆଯାଏ ?

ଧାର୍ମିକ ଦୃଷ୍ଟିକୋଣରୁ, ଧଳା ରଙ୍ଗ ଶାନ୍ତିର ପ୍ରତୀକ। ହଳଦିଆ ଜ୍ଞାନ ଏବଂ ସମୃଦ୍ଧିକୁ ସୂଚିତ କର। ଲାଲ ଶକ୍ତି ଏବଂ ଉତ୍ସାହକୁ ପ୍ରତିନିଧିତ୍ୱ କରେ ଏବଂ କେସର ରଙ୍ଗ ତ୍ୟାଗ ଏବଂ ଆଧ୍ୟାତ୍ମିକତାକୁ ବୁଝାଏ। ଏହି ସମସ୍ତ ରଙ୍ଗ ଦେବତାଙ୍କ ପୂଜା ଏବଂ ଧାର୍ମିକ ରୀତିନୀତି ସମ୍ପାଦନ ସହିତ ଜଡିତ। ଏହି କାରଣରୁ, ମନ୍ଦିର ପରିଦର୍ଶନ କରିବା, ଉପବାସ ରଖିବା କିମ୍ବା କୌଣସି ବିଶେଷ ପୂଜାରେ ଅଂଶଗ୍ରହଣ କରିବା ସମୟରେ ଏହି ରଙ୍ଗରେ ପୋଷାକ ପିନ୍ଧିବା ଶୁଭ ବୋଲି ବିବେଚନା କରାଯାଏ।

### କଳା ରଙ୍ଗ ପ୍ରତ୍ୟେକ ପରିସ୍ଥିତିରେ ଅଶୁଭ କି ?

ହିନ୍ଦୁ ଧର୍ମରେ, ଏପରି ଅନେକ ଅବସର ଅଛି ଯେଉଁଠାରେ କଳା ରଙ୍ଗର ବିଶେଷ ମହତ୍ତ୍ୱ ରହିଛି। ଭଗବାନ ଶନି ଦେବଙ୍କ ପୂଜା ସମୟରେ କଳା ରାଶି, କଳା ପୋଷାକ ଏବଂ କଳା ଜିନିଷ ଅର୍ପଣ କରାଯାଏ। ଏହା ସହିତ, କଳା ରଙ୍ଗକୁ ଖରାପ ନଜରରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ। ତେଣୁ, କଳା ରଙ୍ଗକୁ ସମ୍ପୂର୍ଣ୍ଣ ଅଶୁଭ ବୋଲି କହିବା ଭୁଲ। କେବଳ ଏହା ଯେ ଏହାକୁ ପାରମ୍ପରିକ ଭାବରେ ଶୁଭ ଏବଂ ଉତ୍ସବକାଳୀନ କାର୍ଯ୍ୟକ୍ରମରେ କମ୍ ପିନ୍ଧାଯାଏ।

## ଗୋଲାମୁଣ୍ଡାର ୧୧ ଯୁବକ ବିଜେପିରେ

ଗୋଲାମୁଣ୍ଡା,(ନିପ୍ର): ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ବିଜେଡି ଓ କଂଗ୍ରେସ ଗଡ଼ରେ ବାଜି ମାରିଛି ଭାରତୀୟ ଜନତା ପାର୍ଟି । ଗୋଲାମୁଣ୍ଡା ଉପକଣ୍ଠର ପ୍ରାୟ ୧୧ ଜଣ ସକ୍ରିୟ ଯୁବକ ବିଜେଡି ଓ କଂଗ୍ରେସ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ନୀତି ଓ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଯୁବକମାନେ ପଦ୍ମ ଶିବିରରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାକୁ କେତକୀ ଓ ସମ୍ପାଦକ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ପଦାଧିକାରୀମାନେ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।ବିଜେପିରେ ସାମିଲ ହୋଇଥିବା ଯୁବକମାନେ ହେଲେ ରାଜା ବିହାରୀ,ବିଶାଳ



ବିହାରୀ,ପୃଥ୍ୱୀରାଜ ମଙ୍ଗରାଜ,ଫିଲିପ ବିହାରୀ,ମୋହନ ବିହାରୀ,ରୋହନ ମଙ୍ଗରାଜ,ଆମୋସ ସିପକା,ରାହୁଲ ବିହାରୀ,ପ୍ରିନ୍ସ ନାଗ,ଅନନ୍ତ ବିହାରୀ,ଦୀପକ ବିହାରୀ ।ଏହି ଅବସରରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ କହିଛନ୍ତି ଯେ, ଯୁବକମାନଙ୍କର ଏହି ଯୋଗଦାନ ଫଳରେ ସ୍ଥାନୀୟ ଅଞ୍ଚଳରେ ବିଜେପିର ସଙ୍ଗଠନ ଆହୁରି ସୁଦୃଢ଼ ଓ ଗତିଶୀଳ ହେବ। ଆଗାମୀ ଦିନରେ ଏହି ଯୁବଶକ୍ତି ଅଞ୍ଚଳର ପ୍ରଗତି ତଥା ଦଳୀୟ କାର୍ଯ୍ୟକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଯୁବକମାନଙ୍କର ଏହି ଦଳବଦଳ ସ୍ଥାନୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଇଛି।

## ଗୋପବନ୍ଧୁ ସ୍ମାରକୀ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗୀତା

ଗୁଣୁପୁର,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଣପୁର ଠାରେ ଗୋପବନ୍ଧୁ ସ୍ମାରକୀ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍‌ଘାଟନରେ ପି. ନାଗଭୂଷଣ ରାଓ, ଶିକ୍ଷକ ସୁରେନ୍ଦ୍ର ମାଲିକ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସମାଜସେବୀ ଉମା ଦାଶ, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ, ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଏନଆରଜିଏ ଲୋକପାଳ ଅକ୍ଷୟ ଦାଶ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଆୟୋଜିତ ଏହି ପ୍ରତିଯୋଗିତାରେ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ସାଇଶ କୁମାର ମହାନ୍ତି – ଗାନ୍ଧୀ ପବ୍ଲିକ ସ୍କୁଲ, ଦ୍ୱିତୀୟ ସ୍ଥାନ ପ୍ରଗତି ମହାରଣା – ବିଦ୍ୟାନିକେତନ ପବ୍ଲିକ ସ୍କୁଲ,ତୃତୀୟ ସ୍ଥାନ ତନୁଶ କୁମାର ପତ୍ର – କିଡ୍‌ସ ଗୀ ସ୍କୁଲ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ନିହାର ରଞ୍ଜନ ନାୟକ –ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର ଦ୍ୱିତୀୟ ସ୍ଥାନ ସୁଦିକ୍ଷା ଶତପଥୀ – କେନ୍ଦ୍ରୀୟ ବିଦ୍ୟାଳୟ, ଗୁଣପୁର ତୃତୀୟ ସ୍ଥାନ ନୀଳମଣି ସେନାପତି – ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର ପୁରସ୍କୃତ ହୋଇଥିଲେ ।

## ଶ୍ରୀସିଦ୍ଧେଶ୍ୱର ମନ୍ଦିର ପକ୍ଷରୁ ଶ୍ରୀଜିଉଙ୍କୁ ଅଣସର ସେବା

ଦାମନଯୋଡି,(ନିପ୍ର): ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜିଉମାନେ ମହାସ୍ନାନ ପରଠାରୁ ଅଣସର ଘରେ ରୁହନ୍ତି। ଏହି ସମୟ ମଧ୍ୟରେ ଠାକୁରମାନଙ୍କୁ ପ୍ରତିଦିନ ସ୍ୱତନ୍ତ୍ର ସେବା ପ୍ରଦାନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଭେଜପୁଟ ସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପକ୍ଷରୁ ଗୋଟିଏ ଦିନର ସେବା ପ୍ରଦାନ କରାଯାଇଥାଏ । ଏଥିରେ ପାଟ ସୂତା, ଘଣା ପେଡ଼ା ରାଶିତେଲ, ଝୁଣା, କସ୍ତୁରୀ, କେଶର,କର୍ପୁର,ଚନ୍ଦନ,ଧଳା ସୂତା ଲୁଗା ସହିତ ବିଭିନ୍ନ ପ୍ରକାରର ପାଚିଲା ଫଳମୂଳ ଆଦି କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ଘଣ୍ଟା, ଶଙ୍ଖ ଧ୍ୱନି ସହ ନେଇ ସେକ୍ଟର –୧ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଦାନ କରିଥିଲେ । ମନ୍ଦିର ପୂଜକ ମାନସ କୁମାର ଦାଶ ପୂଜାର୍ଚ୍ଚନା କରିବା ପରେ ବାଉଁଶ



ତାଟରେ ସେହି ସାମଗ୍ରୀ ଗୁଡ଼ିକୁ ନିଆଯାଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଫୁଲ ଚନ୍ଦନ ପ୍ରଦାନ କରି ସମସ୍ତଙ୍କୁ ପାଛୋଟି ନେଇଥିଲେ ।

## ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ

ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଆଞ୍ଚଳିକ ସାମ୍ବାଦିକ ସଂଘର ୪୨ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏ ଅବସରରେ ସଂଘ କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଶାନ୍ତି ଶେଖର ରଥ ଦାୟିତ୍ୱ ତୁଲାଇ ଥିଲେ। ସଂଘର ସଭାପତି ବିନାୟକ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସଂଘର ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ସଂଘୀୟ ଚିନ୍ତାଧାରା ନେଇ ସଂଘର ସଦସ୍ୟମାନେ କାର୍ଯ୍ୟ କରିବାକୁ ବରିଷ୍ଠ ସଦସ୍ୟମାନେ ମତ ଦେଇଥିଲେ।

# ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ

## ଖଣ୍ଡପଡ଼ାବାସୀ ମହାନଦୀ ପାଣି ପାଇବେ କେବେ ?

ଖଣ୍ଡପଡ଼ା,(ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ବସୁଧା ଓ ଜଳଧାରା ପରି ବିଭିନ୍ନ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହି ଯୋଜନା ଜରିଆରେ ନୂତନ ଜଳ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟକ୍ଷମ ଥିବା ପୁରାତନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ମରାମତି ଦିଗରେ କୋଟି କୋଟି ବ୍ୟୟ କରୁଛନ୍ତି। ମାତ୍ର ବିଭିନ୍ନ ପ୍ରକଳ୍ପରେ ସରକାରୀ ଅନୁଦାନ ଅର୍ଥର ସଠିକ ବିନିଯୋଗ ନ ହେବା ଫଳରେ ଯୋଜନାର ସଫଳ ରୂପାୟନ ହୋଇ ପାରୁନଥିବା ଜଣାପଡିଛି। ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ନୟାଗଡ ଜିଲ୍ଲାବାସୀଙ୍କୁ ପାଇପ ଲାଇନ ଯୋଗେ ମହାନଦୀରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଗତ ୨୦୨୦ ମସିହାରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟାରମ୍ଭ କରିଥିଲା। ମାତ୍ର ୬ ବର୍ଷ ପରେ ମଧ୍ୟ ନୟାଗଡ ଜିଲ୍ଲାବାସୀ ମହାନଦୀରୁ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ମେଗା ପାନୀୟଜଳ ପ୍ରକଳ୍ପର କାର୍ଯ୍ୟ ଗତ ୬ ବର୍ଷ ପରେ ମଧ୍ୟ କେବଳ ମାଟି ତଳେ ପାଇପ ଲାଇନ ପକାଇବାରେ ସୀମିତ ଥିବା ଜଣାପଡିଛି। ଗ୍ରୀଷ୍ମ ଋତୁ ହେଉ ଅବା ବର୍ଷା ଋତୁ ସଦାବେଳେ ଅଞ୍ଚଳବାସୀ ପାନୀୟଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାରେ ବିଳମ୍ବକୁ ନେଇ ଜନଅସନ୍ତୋଷ ଦେଖା ଦେଇଛି। ଭାପୁର ବ୍ଲକ ଅଧୀନ କିଛି ପଞ୍ଚାୟତର ଜନସାଧାରଣ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ପାନୀୟଜଳ ପାଉଥିବା ବେଳେ ଖଣ୍ଡପଡା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ବନମାଳୀପୁର ପଞ୍ଚାୟତବାସୀ କେବଳ ମେଗା ପାନୀୟଜଳ ପ୍ରକଳ୍ପରୁ ପାନୀୟଜଳ ପାଉଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପ୍ରଶ୍ନ ଉଠେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଅପରପକ୍ଷେ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ମାଟି ତଳେ ପାଇପ ଲାଇନ ପକାଯିବା ଯୋଗୁଁ ମୁଖ୍ୟ ରାସ୍ତା ପାର୍ଶ୍ୱ ସମେତ ଗଳିକନ୍ଦି ରାସ୍ତା ଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ନଷ୍ଟ ହୋଇଥିବା ରାସ୍ତା ଗୁଡିକର ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନିମନ୍ତେ ଜିଲ୍ଲା ପ୍ରଶାସନ,ଜନସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ ,ସଚିବ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଜଣେ ମୃତ : ସରକାରୀ ସହାୟତା ପାଇଁ ଗ୍ରାମବାସୀଙ୍କ ଦାବି

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ଚାରମାଳ ଥାନା ବଡ଼ମାଳ ପଞ୍ଚାୟତ ଦେବାହାଲି ଗ୍ରାମରେ ଘର ଭିତରେ ବସିଥିବା ବେଳେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ହେଲେ ସନ୍ତୋଷ ଭୋଇ ଓରଫ୍ ରମେଶ (୪୦) । ସୂଚନାଯୋଗ୍ୟ ଯେ କିଛି ଦିନ ହେବ ରେଢ଼ାଖୋଲ ଅଞ୍ଚଳରେ ତୁହାକୁ ତୁହା ବର୍ଷା ସହିତ ଘଡଘଡି ବିଜୁଳି ମାରି ବର୍ଷା ଲାଗିରହିଛି । ଏନେଇ ରବିବାର ମଧାହ୍ନ ୧୨ଘଟିକା ସମୟରେ ସନ୍ତୋଷ କାମରୁ ଆସି ଘର ଭିତରେ ବସିଥିବା ସମୟରେ ବାହାରେ ପ୍ରଚଣ୍ଡ ବର୍ଷା ସହିତ ବଜ୍ରପାତ ହୋଇଥିଲା ଫଳରେ ଘରର ଝରକା ଖୋଲା ଥିବା ଯୋଗୁଁ ତାଙ୍କୁ ବଜ୍ରପାତ ମାରିଥିଲା । ଫଳରେ ଘରଭିତରେ ହିଁ ଟଳି ପଡ଼ିଥିଲେ ଏହାପରେ ପରିବାର ଲୋକେ ଆସି ଦେଖିବାରୁ ତାଙ୍କ ମୁହଁ ଓ ଛାତି ସହ ଶରୀରର ସବୁ ଅଂଶ କଳା ପଡି ପୋଡିଯାଇଥିବା ଭଳି ଦିଶୁଥିବା ଦେଖି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଚାରମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶିତ

ଗୁଣପୁର,(ନିପ୍ର): ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଗୁଣପୁର ଦୁଧାଳ ଅଭିଷେକ ଦିଲ୍ଲୀପଙ୍କ ଅଧକ୍ଷତାରେ ୧୩୮ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନା କରିଥିଲେ. ମୋଟ ୩୩୮ ବୁଥରେ ୨୦୬୮୬୭ଭୋଟର ରହିଥିବା ବେଳେ ସେଠି ମଧ୍ୟରୁ ୧୦୦୪୫୯ ପୁରୁଷ, ୧୦୬୩୫୬ ମହିଳା, ୫୨ତୃତୀୟ ଲିଙ୍ଗ



ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ନିର୍ବାଚକ ପଞ୍ଜୀକରଣ ନିୟମାବଳୀ, ୧୯୬୦ ଅନୁଯାୟୀ ଖସଡ଼ା ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ଏହାର ଏକ ନକଲ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ମତଦାନ କେନ୍ଦ୍ରରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଉପଲବ୍ଧ ଅଟେ ।

ଏହି ଭୋଟର ତାଲିକା ପ୍ରସ୍ତୁତି ପାଇଁ ଯୋଗ୍ୟତା ତାରିଖ ୦୧.୦୭.୨୦୨୬ ଅଟେ। ଉକ୍ତ ଯୋଗ୍ୟତା ତାରିଖକୁ ଆଧାର କରି ଯଦି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଦାବି କିମ୍ବା କୌଣସି ନାମ ସାମିଲ କରିବା ବା ତାଲିକାରେ ଥିବା ବିବରଣୀ ସମ୍ବନ୍ଧରେ ଆପତ୍ତି ଥାଏ, ତେବେ ୦୫.୦୭.୨୦୨୬ ଠାରୁ ୦୪.୦୮.୨୦୨୬ ମଧ୍ୟରେ ଉପଯୁକ୍ତ ଭାବେ ଫର୍ମ–୬, ୭ କିମ୍ବା ୮ ରେ ଆବେଦନ/ଆପତ୍ତି ଦାଖଲ କରିପାରିବେ। ଯେଉଁ ଯୋଗ୍ୟ ନାଗରିକ ୨୦୨୬ ମସିହାର ପରବର୍ତ୍ତୀ ଯୋଗ୍ୟତା ତାରିଖ, ଅର୍ଥାତ୍ ୦୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିବେ, ସେମାନେ ମଧ ଏହି ସୂଚନା ପ୍ରକାଶ ତାରିଖଠାରୁ ଅଗ୍ରୀମ ଭାବେ ଫର୍ମ–୬ ରେ ନିଜ ନାମ ଅନ୍ତର୍ଭୁକ୍ତି ପାଇଁ ଦାବି ଦାଖଲ କରିପାରିବେ। ସମ୍ବନ୍ଧିତ ଯୋଗ୍ୟତା ତାରିଖ ଅନୁଯାୟୀ ସେହି ଦାବି ବିଚାର କରାଯାଇ ନିଷ୍ପତ୍ତି ନିଆଯିବ।

## ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ଶିକ୍ଷାବର୍ଷରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ୨୦୨୬ ମସିହା ଜୁଲାଇରୁ ୨୦୨୭ ଫେବୃୟାରୀ ପର୍ଯ୍ୟନ୍ତ ଓଡିଶାର ସମସ୍ତ କ୍ଲଷ୍ଟରରେ ନିର୍ଦ୍ଧାରିତ ଦିବସରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୂର୍ବ ଶିକ୍ଷାବର୍ଷ ଭଳି



ପ୍ରତି ମାସର କ୍ଲଷ୍ଟର ସ୍ତରୀୟ ବୈଠକର କାର୍ଯ୍ୟସୂଚୀ,ଆଲୋଚ୍ୟ ବିଷୟ,ସୂଚନା ଫର୍ଦ୍ଦ ଆଦି ଏସସିଇଆରଟି , ଓସେପା ତରଫରୁ ପ୍ରଦାନ କରାଯିବ ଯାହାକି ଡିଆଇଇଟି ମାଧ୍ୟମରେ ସିଆରସିସିଙ୍କ ଜରୀଆରେ କ୍ଲଷ୍ଟର ଓ ବିଦ୍ୟାଳୟ ସ୍ତରରେ ପହଞ୍ଚିବ । ଡିଆଇଇଟି ପ୍ରଶିକ୍ଷକମାନେ ସିଆରସିସିମାନଙ୍କ ଦକ୍ଷତା ବୃଦ୍ଧି କରିବେ । ସଂପୃକ୍ତ ସିଆରସିସି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି କରିବେ । ଏହି ବୈଠକରେ ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ମୋହନ ପାତ୍ର, ସହକାରୀ ଶିକ୍ଷୟିତ୍ରୀ କନକଲତା ଦାଶ, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ଦାଶ,ତୋଫାନ ପାତ୍ର,ବିଷ୍ଣୁ ଚରଣ ସେନ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ କ୍ଲଷ୍ଟରର ପ୍ରଧାନ ଶିକ୍ଷକ,ପ୍ରଧାନ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

## ବୁଗୁଡ଼ାରେ ବନ ମହୋତ୍ସବ

ବୁଗୁଡ଼ା,(ନିପ୍ର): ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷ ରୋପଣର ଆବଶ୍ୟକ ରହିଥିବା ବେଳେ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ତାଲୁକା ଆଇନ ସେବା ପ୍ରାଧିକରଣ ଆନୁକଲ୍ୟରେ ୭୭ ତମ ବନମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ମାଜିଷ୍ଟ୍ରେଟ ତଥା ତାଲୁକା ଆଇନ ସେବା ପ୍ରାଧିକରଣ ଚେୟାରମେନ ସୁଧାଶ୍ରୀ ସୁର୍ଝଲିଆ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ଶ୍ରୀମତୀ ସୁର୍ଝଲିଆଙ୍କ ସମେତ ଆଇନଜୀବୀ ମାନସ ରଞ୍ଜନ ଦାସ, ହରପ୍ରସାଦ ଦାସ, ସାଇ ସନ୍ତୋଷିନୀ ପ୍ରଧାନ, ନିବେଦିତା ଚୌଧୁରୀ, ବିଭୁଦତ୍ତ ନାୟକ, ଶ୍ୟାମସୁନ୍ଦର ବିଷୋୟୀ, ସୁଶାନ୍ତ ସେଠୀ, ଅମର କୁମାର ପଟ୍ଟନାୟକ, ରବିନ୍ଦ୍ର କୁମାର ପଣ୍ଡା, ପ୍ରଭାତ ଜେନା, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ସମେତ ଅନ୍ୟ ଆଇନଜୀବୀ ଓ ବନ ବିଭାଗ କର୍ମଚାରୀ ବୃନ୍ଦ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥଲେ।

## ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା

**ବୋଲଗଡ଼,(ନିପ୍ର):** ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ଅସରଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଶନିବାର ବିଦ୍ୟାଳୟ ସଭାଗୃହରେ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ,ପିଚୁକୁଳି କ୍ଲଷ୍ଟର ସି ଆର ସି ସି ଲୋକନାଥ ସାହୁ, ହରିହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କ୍ଷେତ୍ରରେ ମୋହନ ରଣା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରୁପମା ଶ୍ରୀଚନ୍ଦନ ରାୟ,ବିଦ୍ୟାଳୟ ଆଲୁମିନା କମିଟି ସଭପତି ତ୍ରିନାଥ ଦଳାଇ, କନ୍ତାଇଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୀନା ସ୍ୱାଇଁ,ବିଦ୍ୟାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭିକାରୀ ପୃଷ୍ଟି,ସହକାରୀ ଶିକ୍ଷକ ନିରଞ୍ଜନ ନାୟକ, ଶିକ୍ଷୟିତ୍ରୀ ରୀନା ଜେନା ପ୍ରମୁଖ ଯୋଗଥିଲେ ।

**ପିପିଲି :** ପିପିଲି ବ୍ଲକ ଅନ୍ତର୍ଗତ ଓରକଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା




ଲେଙ୍କାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅତ୍ୟନ୍ତ ଭାବବିହ୍ୱଳ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ବର୍ଷ ଧରି ନିଷ୍ଠା ଓ ଆନ୍ତରିକତାର ସହ ଶିକ୍ଷକତା କରି ଅବସର ନେଉଥିବା ଶ୍ରୀମତୀ ଲେଙ୍କାଙ୍କୁ ବିଦାୟ ଜଣାଇବା ବେଳେ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ସହକର୍ମୀ ଏବଂ ଗ୍ରାମବାସୀଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା।

ବିଦ୍ୟାଳୟ ପରିସରରେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପାଲଟା ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମଗ୍ର ଓରକଳ ଗ୍ରାମବାସୀ ଏକାଠି ହୋଇଥିଲେ। ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରୀମତୀ ଲେଙ୍କାଙ୍କ ଶିକ୍ଷାଦାନ, ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ଛାତ୍ରବତ୍ସଳତାର ଭୂୟସୀ ପ୍ରଶଂସା କରିଥିଲେ।

# ବୃତ୍ତିଏ ମୋ ପୋଷେ କୁଟୁମ୍ବ...

ରାୟଗଡା,(ନି:ପ୍ର): ଲଗାଣ ବର୍ଷାରେ ଶୁଖିଲା ନଈରେ ବଢିଛି ପାଣି। କେଉଟ ପରିବାରରେ ଖୁସିର ଲହରୀ। ଦିନକୁ ଦୁଇବେଳା ମାଛ ଧରା ହେବ ନଦୀରେ। ଭଲ ଦୁଇ ପଇସା ରୋଜଗାର ହେବ। ଭଲରେ ଚଳିବ କୁଟୁମ୍ବ। ଖରାଦିନେ ଜଳସ୍ତର କମିଯାଇ ଥିବାରୁ କମ୍ ମାଛ ମିଳୁଥିବା ବେଳେ ରୋଜଗାର ବି କମି ଯାଇଥିଲା। ନିଅଣ୍ଟିଆ ଅବସ୍ଥା ରହିଥିଲା, କୁଟୁମ୍ବ ଚଳାଇବାରେ କଷ୍ଟ ଥିଲା। ଏବେ ବର୍ଷା ହେବାରୁ ନଦୀରେ ପାଣି ଆସିଲା, ମାଛ ବଢିଲେ। ନଦୀ ମାଛ ସୁଆଦିଆ। ଆନ୍ଧ୍ରରୁ ଆସୁଥିବା ସାମୁଦ୍ରିକ ମାଛଠାରୁ ଆମ ନଦୀ ମାଛର ଚାହିଦା ବେଶି,ସ୍ଥାନୀୟ ଲୋକେ ଏହି ନଦୀ ମାଛକୁ ବେଶି କିଣିବାକୁ ଇଚ୍ଛା କରନ୍ତି, କାରଣ ଏହାର ସୁଆଦ ନିଆରା।

ଏହା କିଲୋ ପିଛା ୧୭୦ ଟଙ୍କାରୁ ୨୦୦ ଟଙ୍କାରେ ବିକ୍ରି ହୋଇଥାଏ। ଲୋକେ ଖୁସିରେ କିଣି ନିଅନ୍ତି। ଏହି ମାଛ ସବୁ ବଜାରକୁ ପହଞ୍ଚିବା ପୂର୍ବରୁହିଁ ବିକ୍ରି ହୋଇଯାଇଥାଏ। 'ମୋ କାନ୍ଧ ଉପରେ ଜାଲ



ପଡ଼ିଥିବା ଦେଖି ଲୋକେ ପଚାରି, ମାଛ କିଣି ନେଇଥାନ୍ତି। ଦାଣ୍ଡ ଦୁଆରେ ମିଳି ଯାଉଥିବାରୁ ଲୋକେ ଖୁସିରେ କିଣିନିଅନ୍ତି। କାରଣ ଏହା ନଦୀମାଛ,ଅନ୍ୟ ରାଜ୍ୟରୁ ଆସୁଥିବା ଲୁଣି ମାଛ ଠାରୁ ସୁଆଦିଆ। ବର୍ଷା ଋତୁରେ ସମୁଦ୍ର ମାଛ ଖାଇଲେ ଦେହରେ ଚର୍ମରୋଗ ହୋଇଥାଏ। ତେଣୁ ଲୋକେ ନଦୀ ମାଛ କିଣିବାକୁ ଭଲ ପାଆନ୍ତି। ଏହା ଶରୀର ପାଇଁ ଭଲ। କିନ୍ତୁ ସବୁଦିନେ ଏତେ ବେଶି ନଦୀମାଛ ମିଳେନି, ତେଣୁ ନଦୀ ମାଛର ଚାହିଦା ବେଶି ରହୁଛି' ବୋଲି କୁହନ୍ତି ହରି ମାଝି । ପ୍ରତିଦିନ ପ୍ରାୟ ୨୦ ରୁ ୨୫ କେ.ଜି ମାଛ ଜାଲରେ ପଡନ୍ତି। ବିକ୍ରି ହୁଏ, ଦୁଇ ପଇସା ମିଳେ। ଘର ଚଳେ। ମାଛରେ ପୋହଳା, କଉ, ଟେଙ୍ଗଡା, ଫଳି, ଆଉ ବଡ଼ ମାଛ, ଗଡିଶ, କେରାଣ୍ଡି, ଯାଇଲ ଆଦି ପ୍ରକାର ମାଛ ନଦୀରୁ ମିଳିଥାଏ। ଏହାଛଡା କଙ୍କଡା ବି ଧରା ହୁଏ। ଆଉ କିଛି ଦିନ ପରେ ନୂଆ ପାଣିରେ କଙ୍କଡା ମଧ୍ୟ ଭଲ ମିଳିବ। ନଦୀ କଙ୍କଡା ମଧ୍ୟ ଲୋକେ କିଣି ନିଅନ୍ତି। କଙ୍କଡା ଭାଗ ପଡେ ୭୦, ୮୦ ଟଙ୍କାରେ ଭାଗେ ବିକ୍ରି ହୋଇଥାଏ। ମାଛ ବିକ୍ରି ପାଖାପାଖି ଶୀତ ସରିବା ପର୍ଯ୍ୟନ୍ତ ଚାଲିବ, ତାପରେ ଧୀରେ ଧୀରେ କମି ଖରାଦିନେ ପୂରା ୨୦୦ ଟଙ୍କାରୁ ୫୦୦ ଟଙ୍କା ମଧ୍ୟରେ ରହିବ। ଏବେ ୧୦୦୦ ଟଙ୍କାରୁ ୧୨୦୦ ଟଙ୍କା ମଧ୍ୟରେ ରୁହେ। ତଥାପି ଲୋକେ ଏହି ମାଛକୁ ଖୋଜିଥାନ୍ତି। ଏହାର ଚାହିଦା ସବୁ ସମୟରେ ସମାନ କୁହନ୍ତି କେଶବ ମାଝୀ।

# ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ

## ୪ ଗିରଫ, ୭୮ ଗ୍ରାମ ସୁନା ଓ ୪.୪୨ ଲକ୍ଷ ଟଙ୍କା ଜବତ

ଗୋଲାମୁଣ୍ଡା,(ନି.ପ୍ର): କଳାହାଣ୍ଡି ପୋଲିସ ଧର୍ମଗଡ଼ ସବ୍‌ଡିଭିଜନ ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାର ସଫଳ ପର୍ଦ୍ଦାଫାସ କରି ଏକ ସକ୍ରିୟ ଚୋରି ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତି ଆଧାରରେ ପୋଲିସ ପ୍ରାୟ ୭୮ ଗ୍ରାମ ତରଳା ସୁନା, ୪ ଲକ୍ଷ ୪୨ ହଜାର ଟଙ୍କା ନଗଦ, ଗୋଟିଏ ଲୁହା ରଡ୍ ଓ ଲୁହା ହୁକ୍ ଜବତ କରିଛି। ଗୋଲାମୁଣ୍ଡା, କୋକସରା ଓ କେଗାଉଁ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାରେ ଏହି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ



କହିଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ ସୁନା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନାକୁ ସ୍ଥାନୀୟ ରିସିଭରଙ୍କ ନିକଟରେ ବିକ୍ରି କରି ପରିଚୟ ଲୁଚାଇବା ପାଇଁ ତରଳାଇ ଦେଇଥିବା ମଧ୍ୟ ପ୍ରକାଶ କରିଛନ୍ତି। ଏହି ସୂଚନା ଆଧାରରେ ପୋଲିସ ଜବତ କାର୍ଯ୍ୟାନୁଷ୍ଠାନ କରିଥିଲା। ଏହି ମାମଲା ଗୋଲାମୁଣ୍ଡା ଥାନାର ୫୨, ୬୧ ଓ ୭୬, କୋକସରା ଥାନାର ୨୪୭, ୧୨୫ ଓ ୨୯ ଏବଂ କେଗାଁ ଥାନାର ୧୦୧ ନମ୍ବର ମାମଲା ସହ ସମ୍ପୃକ୍ତ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ କେଦାରନାଥ ଦାସ (୪୬), ରାକେଶ ବାଗ (୨୪), ଦୁର୍ଯ୍ୟୋଧନ ହରିଜନ (୫୨) ଏବଂ ରାମା ସଗରିଆ ଓରଫ ରାମ ହରିଜନ ଓରଫ ରାଜୁ। ଏହାସହ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲିମସେର ଗ୍ରାମର ଝସକେତନ ମେହେରଙ୍କୁ ଚୋରି ସାମଗ୍ରୀର ରିସିଭର ଭାବେ ଚିହ୍ନଟ କରାଯାଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ମାମଲା ରୁଜୁ କରି ଶନିବାର ସେମାନଙ୍କୁ ଧର୍ମଗଡ଼ କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣା

## ତେଲକୋଇ ବ୍ଲକରେ ପହଞ୍ଚିଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି

କେନ୍ଦୁଝର,(ନିପ୍ର): ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ସମ୍ବେଦନଶୀଳ ଘଟଣାରେ କେନ୍ଦୁଝର ଜିଲ୍ଲାର ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଜିଲ୍ଲାର ତିନୋଟି ବ୍ଲକ ତେଲକୋଇ,ବାଶଂପାଳ, ହରିଚନ୍ଦନପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାର ଗ୍ୟାସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଅର୍ଥ ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେଲକୋଇ ବ୍ଲକ ବିମଳା ପଞ୍ଚାୟତ କୁଡବିଲ ଗାଁ ଦୁବନାଳି ସାହି ଠାରେ ଗ୍ୟାସ ଟ୍ରାଜେଡିରେ ମୃତ୍ୟୁ ଘଟିଥିବା ସମସ୍ତ ପରିବାର ସେଠାରେ



ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିଡିତ ପରିବାରଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ। କିଭଳି ଆଉ କେଉଁ ପରିସ୍ଥିତିରେ ଜୁଆଙ୍ଗ ଯୁବତୀମାନେ ଦାଦନ ପାଇଁ ଯାଇଥିଲେ ସେକଥା ପଚାରି ବୁଝିଥିଲେ। ସମସ୍ତ ମୃତକ ପ୍ରାୟ ନାବାଳିକା ହୋଇଥିବା ବେଳେ କିଭଳି ରାଜ୍ୟ ବାହାରକୁ ଚାଲାଣ ହେଲେ ସରକାରଙ୍କ ବିଧି ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ହେବା ଓ ଶବ ହୋଇ ଫେରିବା ସରକାରଙ୍କ ଦାଦନମୁକ୍ତ ନାରା ପ୍ରହସନ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ ଆଣିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସଭାପତି, ନିରଞ୍ଜନ ପଟନାୟକ, ଜୟଦେବ ଜେନା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଆଦିବାସୀ ନେତା ଯଶୋବନ୍ତ ଲାଗୁରୀ, ଜିଲ୍ଲା ସଭାପତି ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ୧୩ ଜଣ ମୃତକ ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ଜିଲ୍ଲା ସଭାପତି ମନୋଜ ଜେନା ପ୍ରଦାନ କରିଥିଲେ।

## ଆଲୁମିନା କପ୍ କ୍ରିକେଟ ଉଦ୍‌ଯାପିତ : ଓରିଅନ କ୍ରିକେଟ କ୍ଲବ୍ ଚାମ୍ପିଅନ

ଦାମନଯୋଡ଼ି,(ନିପ୍ର): ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ସ୍ପୋର୍ଟସ ସେଲ ପକ୍ଷରୁ ଆୟୋଜିତ ୧୦ମ ଆଲୁମିନା କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି ।ନାଲକୋ ଟାଉନସିପ ସ୍ଥିତ ଆମ୍ବେଦକର ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜୟପୁରର ଓରିଅନ କ୍ରିକେଟ କ୍ଲବ୍ ବିପକ୍ଷ ବ୍ରହ୍ମପୁରର ଆଲଫା ସ୍ପୋର୍ଟିଂ କ୍ଲବକୁ ୧୪ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି । ବର୍ଷା ଯୋଗୁଁ ୫ଓଭର ଲେଖାଏଁ ଖେଳ ହୋଇଥିଲା । ଟସ୍ ଜିତି ଆଲଫା ସ୍ପୋର୍ଟିଂ କ୍ଲବ ଫିଲଡିଂ କରିବା ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ଓରିଅନ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୫ଓଭରରେ ୪ୱିକେଟ ହରାଇ ୭୩ରନ୍ କରିଥିଲେ। ଜବାବରେ ଆଲଫା ସ୍ପୋର୍ଟିଂ ଦଳ ୫ଓଭରରେ ୫ୱିକେଟ ହରାଇ ୫୯ରନ୍ କରି ପାରିଥିଲେ। ଓରିଅନ କ୍ରିକେଟ କ୍ଲବ୍‌ର ଖେଳାଳୀ କେ.ଈଶ୍ୱର ପ୍ରସାଦ ୯ଟି ବଲ ସାମନା କରି ୨୬ରନ୍ କରିବା ସହିତ ୨ ଓଭର୍ ବୋଲିଂ କରି ୧୦ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। କେ.ଈଶ୍ୱର ପ୍ରସାଦଙ୍କୁ ମ୍ୟାନ୍ ଅଫ ଦ ଫାଇନାଲ ସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଓ ସବୁଠାରୁ ମୂଲ୍ୟବାନ ଖେଳାଳୀ ପୁରସ୍କାର ମିଳିଛି । ଆଲଫା ସ୍ପୋର୍ଟିଂ କ୍ଲବ୍ ର ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଶ୍ରେଷ୍ଠ ବେଟର(ବ୍ୟାଟ୍ସମ୍ୟାନ୍) ଓ ମାଲକାନଗିରିର ଜଗଦୀଶ ରାଓ କ୍ରିକେଟ କ୍ଲବର ଖେଳାଳୀ ଅବଦୁଲ୍ ଆନସ ଖାନ୍‌ଙ୍କୁ ଶ୍ରେଷ୍ଠ ଅଲ୍ ରାଉଣ୍ଡର ପୁରସ୍କାର ମିଳିଛି । ଚାମ୍ପିଅନ ଜୟପୁର ଦଳକୁ ବିଜେତା ଟ୍ରଫି ସହିତ ନଗଦ




୪୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ବ୍ରହ୍ମପୁର ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା । ମ୍ୟାଚ୍ ପରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦେଇଥିବା ବେଳେ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ଓ ଚନ୍ଦ୍ରମୋହନ ମହାନ୍ତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ନାଲକୋ ସ୍ପୋର୍ଟସ ସେଲ୍ ଅଧକ୍ଷ କୁନ୍ତଳ ଆନନ୍ଦ ଓ ଅଧିକାରୀ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ।

ତିଥି :(ଷଷ୍ଠୀ): (ପୂର୍ବଭାଦ୍ର କୁମ୍ଭ)

ଅମୃତ ବେଳା: ଦିବା ଘ ୮ ।୩୦ ଗତେ ଘ ୧୦ ।୦୬ ମଧ୍ୟେ

## ଆଜିର ଅନୁଚିନ୍ତନ

ପ୍ରକୃତିରୁ ଉତ୍ପନ୍ନ ହେଉଥିବା ସତ୍ତ୍ୱ, ରଜ ଓ ତମ- ଏହି ତିନି ଗୁଣ ଅବିନାଶୀ ଦେହୀକୁ ଦେହରେ ଆବଦ୍ଧ କରନ୍ତି।

- ଶ୍ରୀମଦ୍ ଭଗବଦ୍ ଗୀତା

# ଜୀବନ ସୁରକ୍ଷା ଆଗ

ବର୍ଷାଋତୁ ଆସିଲେ ସହରାଞ୍ଚଳ ଏପରିକି ଖୋଦ୍ ଭୁବନେଶ୍ୱର ଯାତାୟାତ ଦୃଷ୍ଟିରୁ ନିରାପଦ ନୁହେଁ, ତାହା ବାରବାର ପ୍ରମାଣିତ ହେଲାଣି। ଇସ୍କନ ନିକଟରେ ପାଣି ଜମିବା ସମସ୍ୟା ଏବେ ବି ଲାଗିରହିଛି। ରାଜଧାନୀର ବହୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଧରାବନ୍ଧା। ଏହାରି ଭିତରେ ବହୁ ଲୋକ ହୀନସ୍ତା ହେଉଥିବା ପରିଲକ୍ଷିତ ହୋଇଆସୁଛି। ତେବେ ନିକଟରେ ବାଣୀବିହାରସ୍ଥିତ ଏକ ଖୋଲା ଡ୍ରେନ ବା ନାଳରେ ପଡ଼ି ଜଣେ ଜରି ଗୋଟାଳିଙ୍କ ଜୀବନ ଯାଇଛି। ଖୋଲା ନାଳରେ ପଡ଼ି ଜୀବନ ଯିବା ଘଟଣା ବିଶେଷକରି ବର୍ଷାଋତୁରେ କେଉଁଠି ନା କେଉଁଠି ଘଟୁଥିବା ସମସ୍ତେ ଜାଣନ୍ତି। ଯେବେ ଅଘଟଣ ଘଟେ ପ୍ରଶାସନିକ ତତ୍ପରତା କିଛିଦିନ ଧରି ଚାଲେ ଓ ପରେ ନୀରବତା ବିରାଜମାନ କରେ। ଏହା ଗତାନୁଗତିକ ଭାବରେ ଲକ୍ଷ୍ୟ କରାଯାଇଆସୁଛି। ପରବର୍ତ୍ତୀ ସମୟରେ ସତେ ଯେପରି ପୁଣି ଏକ ଅଘଟଣକୁ ଅପେକ୍ଷା କରାଯାଉଛି।

୨୦୨୧ ମସିହାରେ ରାଜଧାନୀର ଶତାବ୍ଦୀନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ର ଟିଉସନ ସାରି ରାସ୍ତାରେ ଫେରୁଥିବାବେଳେ ପାଣିର ପ୍ରଖର ସ୍ରୋତରେ ପଡ଼ିଯାଇଥିଲେ ଓ ତାଙ୍କର ଜୀବନ ଯାଇଥିଲା। ୨୦୨୪ରେ ଖାରବେଳନଗର ଡ୍ରେନ୫ର ବ୍ୟାରିକେଡ ନଥିବା ଏକ ଡ୍ରେନରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ଭାସି ନିଖୋଜ ହୋଇଯାଇଥିଲେ ଓ ତାଙ୍କ ପତ୍ତା ମିଳିନଥିଲା। ବିଭିନ୍ନ ସମୟରେ ଏହି ଅଘଟଣ ଘଟିଆସୁଥିବା ବିଶେଷକରି ୨୦୧୫ରୁ ୨୦୨୬ ମଧ୍ୟରେ ଅନ୍ୟୂନ ୭ ଜଣ ଡ୍ରେନରେ ପଡ଼ି ପ୍ରାଣ ହରାଇବା ଘଟଣା ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଛି। କେବଳ ଡ୍ରେନରେ ପଡ଼ି ନୁହେଁ, ନିକଟରେ କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ନଦୀରେ ଭାସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସଦ୍ୟ ବୌଦ୍ଧ ଜିଲ୍ଲା ସାଲୁଙ୍କି ନଦୀରେ ଏକ ପଠାକୁ କାଠ ସଂଗ୍ରହ ପାଇଁ ଯାଇ ହଠାତ୍ ପାଣି ବଢିବା ହେତୁ ପ୍ରାୟ ୪ ଘଣ୍ଟା ଫସି ରହିଥିଲେ ଦୁଇ ମହିଳା। ସେମାନଙ୍କୁ ନଦୀର ପ୍ରଖର ସ୍ରୋତ ମଧ୍ୟ ଦେଇ ଉଦ୍ଧାର କରାଯାଇଛି।

ଲଗାଣ ବର୍ଷା ବିପ୍ୱାତ ସାରା ରାଜ୍ୟରେ ଜାରି ରହିଛି। ଜୀବନମୃତ୍ୟୁର ଖେଳ ଖୋଲା ଡ୍ରେନ ହେଉ ଅବା ଭରା ନଈ ହେଉ ଲାଗି ରହିଛି। ଏ ପରିପ୍ରେକ୍ଷୀରେ ଯେତିକି ଜନସଚେତନତା ଲୋଡ଼ା ସେତିକି ଆବଶ୍ୟକ ସରକାରୀ ତତ୍ପରତା। ରାଜଧାନୀ ଭୁବନେଶ୍ୱର କିମ୍ବା ଅନ୍ୟ ସହରାଞ୍ଚଳ ହେଉ ମୁକୁଳା ଡ୍ରେନ ବର୍ଷା ସମୟରେ ମରଣଯନ୍ତା ସାଜୁଥିବା ବିପଦଜନକ। ଅଧିକାଂଶ ଡ୍ରେନରେ ସ୍ଲାବ ଅବା ଗାର୍ଡୱାଲ ଠିକ୍ ଭାବରେ ନ ଥିବା କାରଣରୁ ଅଘଟଣ ଆଶଙ୍କା ବରାବର ରହୁଛି। ରାଜ୍ୟରେ ବଜେଟ ପରିମାଣ ବଢୁଛି। କିନ୍ତୁ ମୁକୁଳା ଡ୍ରେନରୁ ବର୍ତ୍ତିବା ପାଇଁ ସୁରକ୍ଷା ବ୍ୟବସ୍ଥା ଯଥୋଚିତ ଢଙ୍ଗରେ ହେଉନାହିଁ। ଲଘୁଚାପ ଆସିବ, ପ୍ରବଳ ବର୍ଷା ହେବ, ପ୍ରକୃତି ତା ବାଟରେ ଚାଲିବ, ମଝିରେ ମଝିରେ ପ୍ରତିକୂଳ ପରିସ୍ଥିତି ଉପୁଜିବ। ତାହାର ମୁକାବିଲା ତଥା ଜୀବନ ସୁରକ୍ଷା ଦିଗରେ ପ୍ରତିକାରତ୍ମକ ବ୍ୟବସ୍ଥା ଆଗୁଆ ଗ୍ରହଣରେ ରାଜ୍ୟର 'ଲୋକଙ୍କ ସରକାର' ବିଳମ୍ବ କରିବା ଅନୁଚିତ।

# ସୁପ୍ରିମକୋର୍ଟଙ୍କ ରାୟ କେତେଦୂର ସଫଳ ହେବ

## ପ୍ରଦୀପ୍ତ କୁମାର କର

ମାନ୍ୟବର ସୁପ୍ରିମକୋର୍ଟ ତାଙ୍କର ଐତିହାସିକ ରାୟରେ ଶୁଣାଇଛନ୍ତି ଯେ ଜନସାଧାରଣଙ୍କ ଫୁଟପାଥରେ ଚାଲିବା ଏକ ମୌଳିକ ଅଧିକାର। ଏହାଦ୍ୱାରା ଲୋକମାନେ ସୁରକ୍ଷିତ ହୋଇ ରାସ୍ତାରେ ଚାଲିପାରିବେ । କିନ୍ତୁ ସରକାର ସବୁ ଫୁଟପାଥକୁ ଓଡ଼ିଶାରେ ଦୋକାନୀମାନଙ୍କୁ ଦୋକାନ କରିବାକୁ ଅନୁମତି ଦେଉଛନ୍ତି ଓ ଯେଉଁଠି 'ଏଠାରେ ବିକ୍ରି କରିବା ମନା' ବୋଲି ସରକାରୀ ସ୍ତରରେ ବଡ ବଡ କରି ଲେଖା ମରାଯାଇଛି ସେଠାରେ ମଧ ଦୋକାନୀମାନେ ରାତାରାତି ସ୍ଥାୟୀ ଦୋକାନ ଠିଆ କରିଦେଉଛନ୍ତି । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଚ୍ଛଦ ପଟରେ



ରହିଥିବାରୁ ଆଗ୍ରହୀ ଦୋକାନୀମାନେ ନିର୍ଭୟରେ ଏସବୁ କରିବାକୁ ଆଗେଇ ଆସୁଛନ୍ତି। ତା ଛଡ଼ା ଅନେକ ଜାଗାରେ ଫୁଟ୍‌ପାଥ ଉପରେ ଲୋକମାନେ ଘର କରି ରହିଛନ୍ତି। ଫଳରେ ଲୋକମାନଙ୍କ ଘରୁ ବାହାରୁଥିବା ଅଳିଆ ଆବର୍ଜନା ସବୁ ସେମାନେ ସେହି ଫୁଟ୍‌ପାଥ ତଳେ ଥିବା ନର୍ଦ୍ଦମା ଭିତରକୁ ଫିଙ୍ଗି ଦିଅନ୍ତି । ନର୍ଦ୍ଦମା ଜାମ୍ ହୋଇ ଜଳ ନିଷ୍କାସନ ନ ହୋଇ ପାରି ରାଜରାସ୍ତାରେ କିଛି ସମୟ ପାଇଁ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥାଏ । ସବୁ ଜାଣି ମଧ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଏନାହିଁ। ଯେତେବେଳେ ଲୋକମାନେ ବାରମ୍ବାର ଅଭିଯୋଗ କରିବା ପରେ ସେହି ଲୋକମାନଙ୍କୁ ସେହି ଜବରଦଖଲ ଖାଲି କରାଯାଏ। ସେଠାରୁ ଲୋକମାନେ ଉଠନ୍ତି । କିନ୍ତୁ ସେହି ଜାଗାକୁ ସରକାରୀ ସ୍ତରରେ ନିଜ ଅକ୍ତିଆରକୁ ନ ନେଇ ସେମିତି ଖୋଲା ଛାଡ଼ି ଚାଲିଯିବା ଫଳରେ ପୁଣି ଲୋକମାନେ ସେହି ଜାଗାକୁ ମାଡ଼ି ଯାଆନ୍ତି । ସେହିପରି ବାରମ୍ବାର ଜବରଦଖଲ ଉଚ୍ଛେଦ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଚାଲିଛି ସରକାରୀ ରାଜକୋଷରୁ । ଏଥିକୁ କାହାର ନିଘା ନାହିଁ। ଅନେକ ଜାଗାରେ ସେହି ଫୁଟ୍ ପାଥ ଉପରେ ପୁରୁଣା ଗାଡ଼ିଗୁଡ଼ିକ ରଖି ରାସ୍ତା ଅବରୋଧ କରିଛନ୍ତି । ତେବେ ଏହି ସବୁ ବିଶୃଙ୍ଖଳାଭରା ପରିସ୍ଥିତିରେ ଲୋକମାନେ ଫୁଟପାଥରେ ଚାଲିବେ କିପରି ଓ ଲୋକଙ୍କ ସୁରକ୍ଷା ରହିବ କିପରି ? ସୁପ୍ରିମକୋର୍ଟ ତାଙ୍କର ଐତିହାସିକ ରାୟ ଦେଲେ କିନ୍ତୁ ତାକୁ ପାଳନ କରିବା ପାଇଁ ସବୁ କ୍ଷେତ୍ରରେ ପ୍ରଶାସନିକ ସ୍ତର ଠାରୁ ଆରମ୍ଭ କରି ଜନସାଧାରଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଚେଷ୍ଟା ନିହାତି ଜରୁରୀ ଅଟେ। ଅନେକ ଜାଗାରେ ଫୁଟ୍‌ପାଥ ତଳେ ଜଳ ନିଷ୍କାସନ ପାଇଁ ନାଳ ଥାଏ ଓ ତା ଉପରେ ଯେଉଁ ସ୍ଲାବ ପଡ଼ିଥାଏ । ସେଗୁଡ଼ିକ ଅନେକ ସ୍ଥାନରେ ଢିଲା ଥାଏ ବା ସ୍ଲାବ ନ ଥାଏ କାରଣ ସେହି ସ୍ଲାବଗୁଡ଼ିକ କେବେ ବି ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ତଦାରଖ ହୁଏ ନାହିଁ। ଅନେକ ସମୟରେ ଲୋକମାନେ ଚାଲିବାବେଳେ ସେହି ନାଳ ଭିତରକୁ ପଡ଼ି ଯାଇ କ୍ଷତବିକ୍ଷତ ହୋଇ ଅନେକ କଷ୍ଟ ପାଆନ୍ତି ।

ସେହିପରି ଏକ ଘଟଣା ସାମ୍ନାକୁ ଆସିଥିଲା ଯେତେବେଳେ ୱାର୍ଲ୍ଡ କପ୍ ହକି ଆମ ଭୁବନେଶ୍ୱରରେ ହେଉଥିଲା ଜଣେ ବିଦେଶୀ ସ୍ପୋର୍ଟସ ଫଟୋଗ୍ରାଫର ହୋଟେଲରୁ ବାହାରକୁ ଆସିବା ସମୟରେ ହୋଟେଲ ସାମ୍ନାରେ ଥିବା ଅସୁରକ୍ଷିତ ଅବସ୍ଥାରେ ଥିବା ଡ୍ରେନ ଭିତରେ ଗଳି ପଡ଼ି ବହୁତ ଆଘାତପ୍ରାପ୍ତ ହୋଇଥିଲେ। କାରଣ ସେହି ଡ୍ରେନ କାମ ଚାଲିଥିଲା । ତା ଉପରେ କୌଣସି ଘୋଡଣି ନ ଥିଲା। ତେବେ ଏସବୁ ଭିତରେ ଏବେ ଦେଖିବା କଥା ସୁପ୍ରିମକୋର୍ଟଙ୍କ ରାୟକୁ ଆମ ଦେଶର ପ୍ରତି ରାଜ୍ୟ ସରକାର କେତେ ଦୂର ମାନୁଛନ୍ତି ବା ଏହା ଉପରେ କି ପଦକ୍ଷେପ ନେଉଛନ୍ତି ? ମୁଖ୍ୟ ରାସ୍ତାରୁ ଯାଇଥିବା ଅନେକ ରାସ୍ତା ଯେଉଁ ଗୁଡ଼ିକ ସହର ଭିତର ଗଳି ରାସ୍ତାକୁ ଅବରୋଧ କରି ପାଦଚଲା ରାସ୍ତାକୁ ଜବରଦଖଲ କରି ଲୋକଙ୍କ ଯିବା ରାସ୍ତା ଉପରେ ଘର କରି ଲୋକମାନେ ରହୁଛନ୍ତି ତାହା ସବୁ ମନ୍ତ୍ରୀ , ପ୍ରଶାସନିକ ଅଧିକାରୀ, ମ୍ୟୁନିସିପାଲଟିର ଅଧିକାରୀମାନଙ୍କ ନଜରରେ ନିଶ୍ଚିତ ଭାବରେ ଆସୁଛି । କିନ୍ତୁ ତା ଉପରେ କୌଣସି ପ୍ରଶାସନିକ ପଦକ୍ଷେପ ବା ପ୍ରତିକ୍ରିୟା ନାହିଁ । କିନ୍ତୁ ରାସ୍ତାଗୁଡ଼ିକ ଏତେ ମାତ୍ରାରେ ଅଣଓସାରିଆ ହୋଇ ରହିଛି ଯେ ଗୋଟିଏ ଗାଡ଼ିକୁ କଟାଇ ଆଉ ଗୋଟିଏ ଗାଡ଼ି ଯାଇ ପାରିବ ନାହିଁ। ଦିଲ୍ଲୀରେ ବସି ସୁପ୍ରିମକୋର୍ଟ ତାଙ୍କର ଐତିହାସିକ ରାୟ ଶୁଣାଇ ଦେଇ ନିଶ୍ଚିତ ହୋଇ ରହିଗଲେ ଓ ତାଙ୍କ ଦାୟିତ୍ୱ ସରିଗଲା ବୋଲି ଭାବିଲେ। କିନ୍ତୁ ବ୍ରିଟିଶ ଶାସନ ପରି ଲୋକଙ୍କ ପଛରେ ଚାବୁକ ପାହାର ନ ପଡିବ ସେ ପର୍ଯ୍ୟନ୍ତ କ'ଣ ଆମ ଲୋକମାନେ ସୁଧୁରିବେ !

ସୂର୍ଯ୍ୟ ନଗର , ଭୁବନେଶ୍ୱର,ମୋ-୯୮୬୧୦୭୫୪୦୪

# କେଜିରୁ ପିଜି ମାଗଣା ଶିକ୍ଷା - ଏକ ଆଲୋଚନା

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**"ମାଗଣା ଶିକ୍ଷା ବ୍ୟବସ୍ଥା ଯୋଗୁଁ ପିଲା ସ୍କୁଲ/କଲେଜ ପ୍ରତି ଆକର୍ଷିତ ହେବେ। ଉଚ୍ଚଶିକ୍ଷାର ଚାହିଦା ବଢ଼ିବ। ଅଧିକ ସଂଖ୍ୟାରେ ପିଲା ନାମ ଲେଖାଇବେ। ଅତିରିକ୍ତ ପିଲାଙ୍କ ହେତୁ ସିଟ ସଂଖ୍ୟା କମ୍ ପଡ଼ିପାରେ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଯଦିଓ ପର୍ଯ୍ୟାପ୍ତ ସଂଖ୍ୟକ ସିଟ୍ ଉପଲବ୍ଧ, ତଥାପି ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ସିଟ୍ ସଂଖ୍ୟା ବୃଦ୍ଧି କରିବାର ଯୋଜନା ରଖିଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇସାରିଛି।ସିଟ୍ ଓ ପିଲାସଂଖ୍ୟା ବଢ଼ିଲେ ତାଙ୍କୁ ପଢ଼ାଇବା ପାଇଁ ଅଧିକ ସଂଖ୍ୟକ ଶିକ୍ଷକ ଆବଶ୍ୟକ ହେବା ସ୍ୱାଭାବିକ।"**

ଏହି ବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଲାଗୁ ହେବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସରେ ଘୋଷଣା କରିଥିଲେ। ରାଜ୍ୟ କ୍ୟାବିନେଟର ୪୩ତମ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି। 'ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି' ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ବିଶେଷଭାବେ ରାଜ୍ୟର ଆର୍ଥିକ ଦୁର୍ବଳ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଉପକୃତ ହେବେ। ଏଭଳି ଏକ ଐତିହାସିକ ନିଷ୍ପତ୍ତି ଯୋଗୁଁ ରାଜ୍ୟର ଜଣେ ମଧ୍ୟ ଛାତ୍ରଛାତ୍ରୀ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। ପାଠପଢ଼ା ମଝିରୁ ପାଠ ଛାଡ଼ିବେ ନାହିଁ । ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତାଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ନିୟମିତ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାର ଲାଭ ଉପଲବ୍ଧ ହେବ। ସରକାରୀ ବିଶ୍ୱବିଦ୍ୟାଳୟରେ ସ୍ନାତକ କିମ୍ବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମଧ୍ୟ ଏହାର ସୁବିଧା ପାଇବେ। ନବମ ଶ୍ରେଣୀରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କର ନାମଲେଖା ଫି' ଛାଡ଼ ହେବ। ସେଲ୍ଫ ଫାଇନାସିଂ ପାଠ୍ୟକ୍ରମ/ଅନୁଷ୍ଠାନ, ବେସରକାରୀ ଅଣ ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ଼ର ଅନୁଷ୍ଠାନ ଓ ପାଠ୍ୟକ୍ରମ ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇନାହିଁ। ସରକାରଙ୍କ ଏହି ନବୀନ ପଦକ୍ଷେପ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସାକାର କରିବା ସହିତ ଗରିବ ପିତାମାତାଙ୍କ ଆର୍ଥିକ ବୋଝ କମ କରିବାରେ ସହାୟକ ହେବ। ଅର୍ଥାଭାବ ଏଣିକି ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରିପାରିବନାହିଁ। ଆର୍ଥିକ ଅସ୍ୱଚ୍ଛଳ ପରିବାରର ପିଲା ମଧ ଏବେ ମାଗଣାରେ ଉଚ୍ଚଶିକ୍ଷା ପାଇପାରିବେ। ଏହି ଯୋଜନାରେ ପ୍ରତିବର୍ଷ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ। ପ୍ରତିବର୍ଷ ଏହି ଯୋଜନାରେ ୮୯୫.୫୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାର ବହନ କରିବେ। ଶିକ୍ଷା କ୍ଷେତ୍ରରେ ଏଭଳି ଏକ ବୃହତ୍ ଯୋଜନା ଓ ବିରାଟ ପୁଞ୍ଜିନିବେଶ ସମଗ୍ର ଦେଶରେ ସର୍ବପ୍ରଥମ।

ଏହି ଯୋଜନା ଅନୁଯାୟୀ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନେ ନାମଲେଖା ଫି', ଟ୍ୟୁସନ୍ ଫି' ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନିକ ଚାର୍ଜ ପୈଠ କରିବାରୁ ମୁକ୍ତି ପାଇବେ। ଯେଉଁ ଛାତ୍ରଛାତ୍ରୀ ପୂର୍ବନିର୍ଦ୍ଧାରିତ କଲେଜ ଦେୟ ପୈଠ କରି ନାମ ଲେଖାଇ ସାରିଥିବେ ତାଙ୍କୁ ତାଙ୍କ ଅର୍ଥରାଶି ଫେରସ୍ତ କରାଯିବ। ଉଚ୍ଚଶିକ୍ଷା ପାଇଁ ହଷ୍ଟେଲ ଖର୍ଚ୍ଚ, ମେସ ଚାର୍ଜ, ପୋଷାକ ଓ ବହିପତ୍ର ଏହି ନିର୍ଦ୍ଦିଷ୍ଟ ଯୋଜନାରେ ସମ୍ପୂର୍ଣ୍ଣ ମାଗଣା ବୋଲି ଘୋଷଣା କରାଯାଇନାହିଁ। କିନ୍ତୁ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ଚାଲୁ ରହିଥିବା ଅନ୍ୟାନ୍ୟ ସରକାରୀ ଯୋଜନା ଓ ବୃତ୍ତି ମିଳିବାରେ କୌଣସି ଅସୁବିଧା ନାହିଁ। ସେମାନେ ତାଙ୍କ ଆନୁଷଙ୍ଗିକ ଖର୍ଚ୍ଚ ଏଥିରୁ ଭରଣା କରିପାରିବେ। କଲେଜ ଲାଇବ୍ରେରୀରେ ଉପଲବ୍ଧ ପୁସ୍ତକଗୁଡ଼ିକର ପର୍ଯ୍ୟାପ୍ତ ଏବଂ ଯଥାଯଥ ଉପଯୋଗ ପିଲାଙ୍କ ପାଠ୍ୟପୁସ୍ତକ ସମସ୍ୟା ଅନେକାଂଶରେ ଦୂରୀଭୂତ କରିପାରିବ।

ମାଗଣା ଶିକ୍ଷା ବ୍ୟବସ୍ଥା ଯୋଗୁଁ ପିଲା ସ୍କୁଲ/କଲେଜ ପ୍ରତି ଆକର୍ଷିତ ହେବେ। ଉଚ୍ଚଶିକ୍ଷାର ଚାହିଦା ବଢ଼ିବ। ଅଧିକ ସଂଖ୍ୟାରେ ପିଲା ନାମ ଲେଖାଇବେ। ଅତିରିକ୍ତ ପିଲାଙ୍କ ହେତୁ ସିଟ ସଂଖ୍ୟା କମ୍ ପଡ଼ିପାରେ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଯଦିଓ ପର୍ଯ୍ୟାପ୍ତ ସଂଖ୍ୟକ ସିଟ୍ ଉପଲବ୍ଧ, ତଥାପି ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ସିଟ୍ ସଂଖ୍ୟା ବୃଦ୍ଧି କରିବାର ଯୋଜନା ରଖିଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସିଟ୍ ଓ ପିଲାସଂଖ୍ୟା ବଢ଼ିଲେ ତାଙ୍କୁ ପଢ଼ାଇବା ପାଇଁ ଅଧିକ ସଂଖ୍ୟକ ଶିକ୍ଷକ ଆବଶ୍ୟକ ହେବା ସ୍ୱାଭାବିକ। ଏଥିପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୨୬,୦୦୦ ଓ ପରେ ୪୫,୦୦୦ ଶିକ୍ଷକ / ଅଧ୍ୟାପକ ନିଯୁକ୍ତି ଦେବାର ଯୋଜନା ରଖିଛନ୍ତି। ସ୍କୁଲ / କଲେଜର ଭିତ୍ତିଭୂମିର ବିକାଶ ଏବଂ କ୍ଲାସରୁମ୍ ବୃଦ୍ଧି ପାଇଁ ଆର୍ଥିକ ବ୍ୟବସ୍ଥା କରିଛନ୍ତି। କେଜିରୁ ପିଜି ଯୋଜନା କେବଳ ଆର୍ଥିକ ଅନଗ୍ରସର ଏବଂ ପଛୁଆ ବର୍ଗ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଏକ ସାର୍ବଜନୀକ ଯୋଜନା। ଏଥିରେ ସମସ୍ତ ବର୍ଗର ପିଲାଙ୍କୁ ସମାନ ସୁବିଧା ଓ ସୁଯୋଗ ମିଳିବ। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ପାରିବାରିକ ଆୟ ନିର୍ବିଶେଷରେ ସବୁ ପିଲା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। କିନ୍ତୁ ପିଲା ଦୁଇଗୋଟି ସର୍ତ୍ତ ପୂରଣ କରିବା ଅନିବାର୍ଯ୍ୟ। ପ୍ରଥମ - ସେ ଓଡ଼ିଶାର ହୋଇଥିବ। ଦ୍ୱିତୀୟ - ସେ ଓଡ଼ିଶାର ଯେକୌଣସି ସରକାରୀ ଅଥବା ସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବ। ଏତେ ସଂଖ୍ୟକ ପିଲା ଉଚ୍ଚଶିକ୍ଷା ପାଇବା ପରେ ଚାକିରି ବା ନିଯୁକ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇପାରେ। ମନରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ ମଧ। ଏହି ପରିପ୍ରେକ୍ଷୀରେ ଆମକୁ ବୁଝିବାକୁ ହେବ ଯେ କେବଳ ଡିଗ୍ରୀଟିଏ ହାସଲ କରିଦେଲେ ଚାକିରି ମିଳିଯାଏ ନାହିଁ। ଏଥିପାଇଁ ବଜାରର ଆବଶ୍ୟକତା ଓ ପିଲାଙ୍କ ଦକ୍ଷତା ମଧ ଗୁରୁତ୍ୱପୂର୍ଣ୍ଣ। କେବଳ ଚାକିରି ଆଶାରେ ଉଚ୍ଚଶିକ୍ଷିତ ହେବା ଠିକ ନୁହଁ। ଉଚ୍ଚଶିକ୍ଷିତ ହୋଇ ବାହାରିବା ପରେ ଅନ୍ୟ ସ୍ୱାଧୀନ ବୃତ୍ତି ମଧ ଅବଲମ୍ବନ କରାଯାଇପାରିବ। ଅବଶ୍ୟ ଏହି ସମସ୍ୟାର ସମାଧାନ ପାଇଁ ସରକାର ଏବଂ ଶିକ୍ଷା ବିଶେଷଜ୍ଞମାନେ କେତେକ ଯୋଜନା ଓ ରଣନୀତି ଉପରେ କାମ କରୁଛନ୍ତି। ଯାହା ଚାକିରି / ନିଯୁକ୍ତି ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଏ। କେବଳ ମାତ୍ର ପାରମ୍ପରିକ ଡିଗ୍ରୀ ଉପରେ ନିର୍ଭରଶୀଳ ନ ହୋଇ କର୍ମସଂସ୍ଥାନ ଭିତ୍ତିକ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି । ପାଠ୍ୟକ୍ରମରେ ଧନ୍ଦାମୂଳକ ଶିକ୍ଷା ଓ ବୈଷୟିକ ଜ୍ଞାନକୌଶଳକୁ ସାମିଲ କରାଯାଉଛି। ଏହାଦ୍ୱାରା ପିଲାମାନେ କଲେଜ ପାସ ଆଉଟ୍ ହେବା ବେଳକୁ ବଜାରରେ ଦରକାର ହେଉଥିବା ଆଧୁନିକ କାମ ଶିଖିସାରିଥିବେ। ଓଡ଼ିଶାରେ ସମ୍ପ୍ରତି ଆଇଟି , ମ୍ୟାନୁଫ୍ୟାକ୍ଚରିଂ, ଟେକ୍ସଟାଇଲ୍ ଏବଂ ଟୁରିଜିମ୍ ଭଳି କ୍ଷେତ୍ରରେ ବଡ଼ ବଡ଼ କମ୍ପାନୀସବୁ ନିବେଶ କରୁଛନ୍ତି। ସ୍ଥାନୀୟ ସ୍ତରରେ ଶିକ୍ଷିତ ଯୁବକଯୁବତୀ ଉପଲବ୍ଧ ହେଲେ ଏହି କମ୍ପାନୀଗୁଡ଼ିକରେ ଓଡ଼ିଆ ପିଲାଙ୍କ ପାଇଁ ନିଯୁକ୍ତି ସୁଯୋଗ ବଢ଼ିଯିବ । ସମସ୍ତଙ୍କୁ ସରକାରୀ କିମ୍ବା ବେସରକାରୀ ଚାକିରି ଯୋଗାଇଦେବା ସମ୍ଭବ ନୁହେଁ। ତେଣୁ ସରକାର ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ବିଭିନ୍ନ ବିଜନେସ୍ ଲୋନ୍ ଯୋଜନା ମାଧ୍ୟମରେ ଯୁବପିଢ଼ିଙ୍କୁ ନିଜ ନିଜର ବ୍ୟବସାୟ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଏତଦ୍ୱାରା ଉଚ୍ଚଶିକ୍ଷିତ ଯୁବବର୍ଗ ନିଜେ ଚାକିରୀ ଖୋଜିବା ପରିବର୍ତ୍ତେ ଅନ୍ୟମାନଙ୍କୁ ଚାକିରି ପ୍ରଦାନ କରିବାରେ ସକ୍ଷମ ହୋଇପାରିବେ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପ୍ରଶାସନିକ କ୍ଷେତ୍ରରେ ଖାଲି ପଡ଼ିଥିବା ହଜାର ହଜାର ପଦବୀ ପୂରଣ ପାଇଁ ମଧ ସରକାର ପ୍ରକ୍ରିୟା ତ୍ୱରାନ୍ୱିତ କରୁଛନ୍ତି। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଯୋଜନାକୁ ସଫଳ କରିବା ପାଇଁ ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀରେ ବହୁ ସଂଖ୍ୟକ ନୂଆ ନିଯୁକ୍ତି ହେଉଛି / ହେବାକୁ ଯାଉଛି। ପିଲାମାନେ ଡିଗ୍ରୀ, ସାର୍ଟିଫିକେଟ୍ ପଛରେ ନ ଦୌଡ଼ି ନିଜର ଯୋଗ୍ୟତା, କମ୍ପ୍ୟୁଟର ଜ୍ଞାନ ଏବଂ କହିବା ଶୈଳୀର ଯଦି ବିକାଶ କରିପାରନ୍ତେ ତେବେ ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ପାଇଁ ବରଦାନ ସାବ୍ୟସ୍ତ ହୁଅନ୍ତା। ଲୋକେ ସ୍ୱାବଲମ୍ବୀ ହୋଇପାରନ୍ତେ। ବେକାରି ସମସ୍ୟା ବହୁ ପରିମାଣରେ ସମାଧାନ ହୋଇପାରନ୍ତା।

ନୂତନ ଶିକ୍ଷା ନୀତି - ୨୦୨୦ ର ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗର ସଫଳ ରୂପାୟନ ପାଇଁ ଓଡ଼ିଶା ସରକାରଙ୍କ ଜ୍ଞାନୋଦୟ -ଶିକ୍ଷାରୁ ସମୃଦ୍ଧି ଯୋଜନା ଏକ ବିରଳ ଉଦ୍ୟମ, ଯୁଗାନ୍ତକାରୀ ପଦକ୍ଷେପ। ନୂତନ ଶିକ୍ଷା ନୀତି ୨୦୨୦ ର ମୂଳ ଲକ୍ଷ୍ୟ ହେଉଛି ପ୍ରାକ୍-ପ୍ରାଥମିକରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଶିକ୍ଷା ସୁଯୋଗ ଦେବା। ଉଚ୍ଚ ଶିକ୍ଷା କ୍ଷେତ୍ରରେ ପିଲାଙ୍କ ନାମଲେଖା ସଂଖ୍ୟା ବୃଦ୍ଧି କରିବା, ମଝିରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବା, କୌଣସି ଶିକ୍ଷାର୍ଥୀ ଆର୍ଥିକ ଅନଗ୍ରସରତା ହେତୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ନ ହେବା ଏବଂ ସବୁ ବର୍ଗର ପିଲାଙ୍କୁ ଶିକ୍ଷା ସମାନତା ପ୍ରଦାନ କରିବା। ସରକାରଙ୍କ ଘୋଷିତ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନୂତନ ଶିକ୍ଷା ନୀତି - ୨୦୨୦ ର ଏହି ସମସ୍ତ ଶୃଙ୍ଖଳା ପୂରଣ କରୁଛି। ଏହି ଯୋଜନା ସମସ୍ତ ବର୍ଗର ପିଲାଙ୍କ ପାଇଁ ଫି' ଛାଡ଼ କରି ସମାନତା ଆଣିବାରେ ସାହାଯ୍ୟ କରୁଛି। ଯୁବପିଢ଼ିକୁ ଦକ୍ଷ କରି ଗଢ଼ି ତୋଳିବା ବିକଶିତ ଓଡ଼ିଶାର ଅନ୍ୟତମ ପ୍ରମୁଖ ଆଭିମୁଖ୍ୟ ଯାହା ଉକ୍ତ ଯୋଜନା ମାଧ୍ୟମରେ ଫଳବତୀ ହେବ।

ପ୍ରଥମରୁ କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା ମିଳୁଛି। ଶିକ୍ଷା ମୌଳିକ ଅଧିକାର ଭାବେ ଘୋଷିତ ହୋଇଛି। ୨୦୦୯ ରୁ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହୋଇଛି। ପିଲାଙ୍କୁ ମାଗଣାରେ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ମିଳୁଛି। ନବମ ଏବଂ ଦଶମ ଶ୍ରେଣୀ ପିଲାଙ୍କୁ ମଧ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ପିଲାଙ୍କ ପାଇଁ ପରିଶ୍ରାଗାର, ଶୌଚାଳୟ, ପାନୀୟଜଳ ଇତ୍ୟାଦିର ବ୍ୟବସ୍ଥା ରହିଛି। ଗୁଣାତ୍ମକ ଶିକ୍ଷା ପାଇଁ ଅନେକାନେକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କିନ୍ତୁ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଅଭାବ ହେଉଛି ସବୁଠୁ ଗମ୍ଭୀର ଓ ବଡ଼ ସମସ୍ୟା। ଏହାଦ୍ୱାରା ଶିକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମୁଖ୍ୟତଃ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଶିକ୍ଷକ ନିୟୋଜନ ଏକାନ୍ତ ଜରୁରୀ। ଏବେ ଶିଶୁ ବାଟିକାର ମିଶ୍ରଣ ହେତୁ ଅଳ୍ପ ଶିକ୍ଷକ ଥିବା ସ୍କୁଲମାନଙ୍କ ଉପରେ ଅଧିକ ଚାପ ପଡୁଛି। ବର୍ଷତମାମ ଶିକ୍ଷକମାନେ ଅଣଶୈକ୍ଷିକ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବା ଫଳରେ ପାଠପଢା ବାଧାପ୍ରାପ୍ତ ହେଉଛି। ଶିକ୍ଷକ ନିଯୁକ୍ତି, ଭିତ୍ତିଭୂମିର ବିକାଶ ଓ ଅଣଶୈକ୍ଷିକ କାର୍ଯ୍ୟକ୍ରମରୁ ଶିକ୍ଷକମାନଙ୍କୁ ମୁକ୍ତ କରାଗଲେ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାବ୍ୟବସ୍ଥା ସୁଦୃଢ଼ ହେବ। ଏଥିରେ ସନ୍ଦେହ ନାହିଁ।

ସଂକ୍ଷେପରେ କହିବାକୁ ଗଲେ ନୂତନ ଶିକ୍ଷା ନୀତି - ୨୦୨୦ ଯେଉଁ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ଦେଖାଇଛି, 'ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି' ଯୋଜନା ଓଡ଼ିଶାରେ ତାହାକୁ ବାସ୍ତବ ରୂପ ଦେବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ।

ମୋ-୭୯୭୮୨୮୩୧୯୦

# ଧର୍ମ: ନେତି-ନେତିରୁ ବ୍ୟବସାୟ ପର୍ଯ୍ୟନ୍ତ !

## ଗୋପାଳ ମହାପାତ୍ର

**"ସମୟ ଥିଲା ମନୁଷ୍ୟ ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରି ନିଜକୁ ରିକ୍ତ କରିବା ପାଇଁ ଯାଉଥିଲା କିନ୍ତୁ ଏବେ ଇଚ୍ଛା ବା ଆଶାର ଏକ ଲମ୍ବା ତାଲିକା ନେଇ ଈଶ୍ୱରଙ୍କ ପାଖକୁ ଯାଉଛି। ମନ୍ଦିରକୁ ଯାଇ ଈଶ୍ୱରଙ୍କ ଆଗରେ ମଣିଷ ହାତକୁ ଯୋଡ଼େ । କିନ୍ତୁ ଭିତରେ ଏକ ଅଦୃଶ୍ୟ ଗଣିତ ଚାଲିଥାଏ ଯେ କେତେ ଅର୍ପଣ କରିବି, କେତେ ଅର୍ପଣ କଲେ କୃପା କେତେ ମିଳିବ, କେତେ ଦେଲେ ପ୍ରତିଫଳ କେତେ ମିଳିବ ଇତ୍ୟାଦି।"**

ଏବେ ରାମ ମନ୍ଦିର ଚୋରିକୁ ନେଇ ଅତ୍ର ଯତ୍ର ସର୍ବତ୍ର ଚର୍ଚ୍ଚା ଚାଲିଛି। ମନ୍ଦିର, ଈଶ୍ୱର ଓ ଦାନ ଉପରେ ସନାତନ ପରମ୍ପରା କ'ଣ କୁହେ ସେ କଥା ମଧ ଜାଣିବା ଉଚିତ। ସନାତନ ପରମ୍ପରାରେ ଈଶ୍ୱରଙ୍କୁ କେବେ କୌଣସି ଏକ ଦେବାଳୟ (ମନ୍ଦିର)ର ପରିଧି ମଧରେ ବାନ୍ଧି ରଖାଯାଇ ପାରିବ ନାହିଁ। ଈଶ୍ୱର ବୃକ୍ଷର ଛାୟାରେ, ନଦୀର ଧାରାରେ, ଅଗ୍ନିର ଜ୍ୱାଳାରେ ଏପରିକି ଆକାଶର ନିସ୍ତବ୍ଧତାରେ ମଧ ବିଦ୍ୟମାନଥିଲେ ଓ ଏବେବି ବିଦ୍ୟମାନ ଅଛନ୍ତି। ମନୁଷ୍ୟର ଅନ୍ତଃକରଣରେ ମଧ ଈଶ୍ୱର ବିଦ୍ୟମାନ। ଈଶ୍ୱର ବସ୍ତୁ ନୁହନ୍ତି ସେ ହେଉଚନ୍ତି ଅନୁଭବ ଚେତନା। ଈଶ୍ୱର ସଂଗ୍ରହ ନୁହନ୍ତି। ଆଜିର ସମୟର ବିଡ଼ମ୍ବନା ହେଉଛି ଯେଉଁ ଅସ୍ତିତ୍ୱକୁ ମୁନୀ ଋଷିମାନେ ନେତି-ନେତି କହି ସମସ୍ତ ସୀମାର ଉପରେ ସ୍ଥାପିତ କରିଥିଲେ ଆଜି ତାକୁ ଆମେ ସ୍ୱର୍ଣ୍ଣ-ମଣ୍ଡିତ ଶିଖରରେ, ଅଭେଦ୍ୟ ସ୍ଥାନରେ ଏପରିକି ସଂଗଠିତ ପ୍ରବନ୍ଧନ ଭିତରେ ଖୋଜିବାରେ ଲାଗିଛେ। ଏହା ଧାର୍ମିକ ସଂରଚନାର ବିସ୍ତାର ନୁହେଁ ବରଂ ମନଷ୍ୟର ଚେତନାରେ ଘଟିତ ଏକ ସୂକ୍ଷ୍ମ ବିସ୍ଥାପନ ଅଟେ ଯେଉଁଠି ଆଧାତ୍ମ ମଧ୍ୟ ଧୀରେ ଧୀରେ ବଜାରର ଭାଷା ଶିଖିଗଲାଣି।

ଧର୍ମ ସେ ପର୍ଯ୍ୟନ୍ତ ଜୀବନ୍ତ ରହିଥାଏ ଯେପର୍ଯ୍ୟନ୍ତ ସେ ମନୁଷ୍ୟକୁ ଗଭୀରତମ ଯାତ୍ରା ପର୍ଯ୍ୟନ୍ତ ନେଇ ଯାଇଥାଏ।ଯେତେବେଳେ ଏହା ବାହାରର ଭବ୍ୟତାରେ ଉପାସକ ପାଲଟିଯାଏ ତାର କେନ୍ଦ୍ର ବଦଳିବାରେ ଲାଗେ। ଏଭଳି ହେଲେ ମନ୍ଦିର କେବଳ ପୂଜା ଅର୍ଚ୍ଚନାର ସ୍ଥାନ ଭାବେ ରହେନାହିଁ ଏହା ପ୍ରତିଷ୍ଠା, ପ୍ରଭାବ ଏବଂ ସଂସାଧନର ପ୍ରତୀକ ପାଲଟି ଯାଇଥାଏ। ଶ୍ରଦ୍ଧାର ଉଚ୍ଚତା ଅନ୍ତଃକରଣର ନିର୍ମଳତାର ସ୍ଥାନ ବଦଳରେ ଦାନପାତ୍ରର ଗଭୀରତାର ଆଧାରରେ ହେବାରେ ଲାଗିଛି ଏବଂ ଦାନକୁ ନେଇ ଚିନ୍ତା ଅଧିକ ହେବାରେ ଲାଗିଛି ଯେପରି ବ୍ୟବସାୟ ପ୍ରତିଷ୍ଠାନର ଲାଭ କମିଲେ ବ୍ୟବସାୟୀ ଚିନ୍ତାରେ ପଡିଯାଏ। ଏହି ସ୍ଥଳରେ ଧର୍ମ ମୌନ ହୋଇଯାଏ ଓ ବଜାର ବ୍ୟବସାୟ ବଢ଼ିଚାଲେ। ଏଭଳି ପରିବର୍ତ୍ତନର ସବୁଠାରୁ ବଡ଼ କାରଣ ହେଉଛି ମନୁଷ୍ୟର ଧାର୍ମିକ ମନୋବିଜ୍ଞାନ ବଦଳିଯିବା। ଧାର୍ମିକ ମନୋବିଜ୍ଞାନ ବଦଳିଗଲେ ପ୍ରାର୍ଥନା ଆତ୍ମସମର୍ପଣ ନୁହେଁ ଆଶା ବା ଅପେକ୍ଷାର ଅନୁବନ୍ଧ ପାଲଟିଯାଇଥାଏ।

ସମୟ ଥିଲା ମନୁଷ୍ୟ ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରି ନିଜକୁ ରିକ୍ତ କରିବା ପାଇଁ ଯାଉଥିଲା କିନ୍ତୁ ଏବେ ଇଚ୍ଛା ବା ଆଶାର ଏକ ଲମ୍ବା ତାଲିକା ନେଇ ଈଶ୍ୱରଙ୍କ ପାଖକୁ ଯାଉଛି। ମନ୍ଦିରକୁ ଯାଇ ଈଶ୍ୱରଙ୍କ ଆଗରେ ମଣିଷ ହାତକୁ ଯୋଡ଼େ କିନ୍ତୁ ଭିତରେ ଏକ ଅଦୃଶ୍ୟ ଗଣିତ ଚାଲିଥାଏ ଯେ କେତେ ଅର୍ପଣ କରିବି, କେତେ ଅର୍ପଣ କଲେ କୃପା କେତେ ମିଳିବ, କେତେ ଦେଲେ ପ୍ରତିଫଳ କେତେ ମିଳିବ ଇତ୍ୟାଦି। ଏଭଳି ସମୟରେ ଶ୍ରଦ୍ଧା ଅଜାଣତରେ ଏକ ସଉଦା (କିଣାବିକା)ରେ ରୂପାନ୍ତରିତ ହୋଇ ଯାଇଥାଏ। ବଜାରର ସବୁଠାରୁ ପୁରୁଣା ସିଦ୍ଧାନ୍ତ - 'ନିବେଶ ଏବଂ ପ୍ରତିଫଳ' ଧୀରେ ଧୀରେ ଧର୍ମ ଉପରେ ନିଜର ଅଧିକାର ସାବ୍ୟସ୍ତ




କରିବାରେ ଲାଗିପଡେ। ଏହି ମନୋବୃତ୍ତି ଯୋଗୁଁ ଛଦ୍ମ ଆଧାତ୍ମିକ ସାମ୍ରାଜ୍ୟ ବଢ଼ିଚାଲେ ଯାହାର ଜଡ଼ ବୈରାଗ୍ୟରେ ନୁହେଁ ମହତ୍ତ୍ୱାକାଂକ୍ଷୀ ସ୍ୱାର୍ଥ ଉପରେ ଗଢ଼ି ଉଠିଥାଏ।

ଶାସ୍ତ୍ର ପୁରାଣ ଓ ଇତିହାସ ଅନୁସାରେ ସଂସାରତ୍ୟାଗ କରିଥିବା ବ୍ୟକ୍ତିଙ୍କୁ ସାଧୁ କୁହାଯାଏ। କିନ୍ତୁ ଏବେ ଅନେକ ସାଧୁଙ୍କ ବେଶ ଧାରଣକାରୀଙ୍କୁ ଦେଖିବାକୁ ମିଳୁଛି। ଗେରୁଆ ବସ୍ତ୍ର ତ୍ୟାଗର ନୁହେଁ ପ୍ରଭାବର ପୋଷାକ (ପରିଧାନ) ପାଲଟିଯାଇଛି ଏବଂ ବାଣୀ (କଥା ବା ବକ୍ତବ୍ୟ)ରେ ବିରକ୍ତି ଭାବ ଅଧିକ ଏବଂ ଜୀବନରେ ବୈଭବ ଚିନ୍ତା କିନ୍ତୁ ମୁହଁରେ ଅଧ୍ୟାତ୍ମର କଥା ଥାଏ ଓ ମନ ଭିତରେ ବିସ୍ତାରର ଯୋଜନା ରହିଥାଏ। ଭୟ, ରୋଗ, ଅସଫଳତା ଏବଂ ଭବିଷ୍ୟତର ଚିନ୍ତା ହେଉଛି ମନୁଷ୍ୟର ଦୁର୍ବଳତା ଓ ଏହି ଦୁର୍ବଳତାକୁ ପୁଞ୍ଜି କରି ଆଧାତ୍ମିକତାର ଏକ ସମାନ୍ତର ବ୍ୟବସାୟ ଠିଆ ହୋଇଥାଏ। ବିଡ଼ମ୍ବନା ହେଉଛି ମନୁଷ୍ୟ ଭିତରେ ଯେତିକି ଶୂନ୍ୟସ୍ଥାନ ବଢ଼େ ବଜାର ବା ବ୍ୟବସାୟର ଚମକର ଆବଶ୍ୟକତା ସେତିକି ବଢ଼ିବାରେ ଲାଗେ। ଏକଦା ମନ୍ଦିର ଏମିତି ଏକ ସ୍ଥାନଥିଲା ଯେଉଁଠି ଭେଦ-ଭାବ ନ ଥିଲା, ସେଠି ନା ପଦ ପଦବୀର ଅର୍ଥଥିଲା ନା ଧନର, ନା ଜାତି ସାମର୍ଥ୍ୟର କିଛି ମୂଲ୍ୟ ଥିଲା। ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ଇଚ୍ଛା ପୂରଣର ମାଧ୍ୟମ ବୋଲି ମାନି ନେଉ। ସେତେବେଳେ ଧର୍ମର ବଜାରୀ କରଣ ଆରମ୍ଭ ହୋଇଗଲା। ଯେଉଁ ଦିନ ମଣିଷ ସମଭାବର ମୂଳ ଧାରଣାକୁ ବିରୋଧ କରି ଈଶ୍ୱରଙ୍କ ପାଖକୁଯାଏ ସେତେବେଳ ଏକ ଏକି ବ୍ୟବସ୍ଥାରେ ପରିଣତ ହୋଇଯାଏ। ସଂସାରର ଅସମାନତା (ଜାଲ) ମଧ୍ୟରେ ଥକି ପଡିଥିବା ମନୁଷ୍ୟଯଦି ମନ୍ଦିରରେ ସମାନତାରେ ଅନୁଭବ କରିନପାରେ ତେବେ ସମାନତାକୁ ଆଉ କେଉଁଠି ଖୋଜିପାରିବ ?

ଯଦି କେବେ ଦାନ ପାତ୍ରରେ ଦାନ ପକାଇବା କଥା ସମାପ୍ତ ହୋଇଯାଏ, ଭି.ଆଇ.ପି ଦର୍ଶନର ବ୍ୟବସ୍ଥା ବନ୍ଦ ହୋଇଯାଏ ଏବଂ ଅଧ୍ୟାତ୍ମ ନାମରେ ଠିଆ ହୋଇଥିବା ସବୁ ବ୍ୟବସାୟିକ ଢ଼ାଞ୍ଚା ଭାଙ୍ଗିଯାଏ ସେତେବେଳେ ଆସ୍ଥା ଭିତରେ ପ୍ରତିଷ୍ଠିତ ବ୍ୟକ୍ତି ଅଧିକ ବିଚଳିତ ହେବ ନାହିଁ। ଯାହାର ପ୍ରାର୍ଥନା କୌଣସି ମଧ୍ୟସ୍ଥର ଆବଶ୍ୟକତା କରେ ନାହିଁ ସେ ବି ବିଚଳିତ ହେବ ନାହିଁ। ଈଶ୍ୱର କୌଣସି ପ୍ରମାଣପତ୍ର, କୌଣସି ଟିକେଟ ବା କୌଣସି ବିଶେଷ ମାର୍ଗରେ ଉପଲବ୍ଧ ହୋଇନଥାନ୍ତି। ଯାହାର ସ୍ଥିତି ଶ୍ରଦ୍ଧାର ବ୍ୟବସାୟ ଉପରେ ତିଷ୍ଠି ରହିଛି ସେମାନଙ୍କ ପାଇଁ ଦାନର ଗୁରୁତ୍ୱ ଅଧିକ ରହିଛି। ଆସ୍ଥା ଓ ବିଶ୍ୱାସକୁ ନେଇ ବ୍ୟବସାୟ କରୁଥିବା ଲୋକଙ୍କ ଆଧାର ଈଶ୍ୱର ନୁହନ୍ତି। ମନୁଷ୍ୟର ଈଶ୍ୱରଙ୍କ ପ୍ରତି ଭକ୍ତି କମିବାରେ ଲାଗିଛି କିନ୍ତୁ ଭୟ କାରଣରୁ ଅନ୍ଧବିଶ୍ୱାସ ବଢ଼ିବାରେ ଲାଗିଛି।

ବାସ୍ତବିକ୍ ପ୍ରଶ୍ନ ମନ୍ଦିରର ନୁହେଁ ମନୁଷ୍ୟର ଚେତନାର ପ୍ରଶ୍ନ ଅଟେ। ଯେବେ ମନୁଷ୍ୟ ଈଶ୍ୱରଙ୍କୁ ମନକାମନା ପୂରଣର ମାଧ୍ୟମ ବୋଲି ମାନିନିଏ ସେବେଠାରୁ ଧର୍ମର ବ୍ୟବସାୟୀ କାରଣ ଆରମ୍ଭ ହୋଇଯାଏ। କିନ୍ତୁ ଯେଉଁଦିନ ମନୁଷ୍ୟ ଈଶ୍ୱରଙ୍କୁ ନିଜର ଅନ୍ତଃକରଣରେ ଆଲୋକ ଭାବେ ଅନୁଭବ କରେ ସେତେବେଳେ ସମସ୍ତ ବ୍ୟାପାର ସ୍ୱତଃ ସମାପ୍ତ ହୋଇଯାଇଥାଏ। ଶ୍ରଦ୍ଧାର କୌଣସି ମୂଲ୍ୟ ନାହିଁ, ଶ୍ରଦ୍ଧା ମୌନ ଏବଂ ଏହି ମୌନ ବଜାର ବା ବ୍ୟବସାୟର ଊର୍ଦ୍ଧ୍ୱରେ ଧର୍ମର ବଡ଼ ପ୍ରାମାଣିକ ସ୍ତର ଅଟେ।

ରାମଚନ୍ଦ୍ରପୁର, ରଣପୁର

ମୋ:୯୪୩୮୪୮୫୦୯୪

## ଜୁଲାଇ ୧୮ରେ ବିଶେଷ ଲୋକ ଅଦାଲତ

ଭଦ୍ରକ,୫ ।୭ (ନିପ୍ର): ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ, ଭଦ୍ରକ ପରିସରରେ ବିଶେଷ ଲୋକ ଅଦାଲତ( ଏନ୍ ଆଇନ ଆକ୍ଟ କେସ୍) ଧାରା ୧୩୮ ଅନ୍ତର୍ଗତ ମକଦ୍ଦମା ଗୁଡିକର ସମାଧାନ ନିମନ୍ତେ ଏହି ମାସର ୧୮ ତାରିଖ (ଶନିବାର) ଆୟୋଜନ ହେବାକୁ ଯାଉଅଛି। ଏହି ବିଶେଷ ଲୋକ ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘ ଦିନ ଧରି ଚାଲୁରହିଥିବା ବିଚାରାଧୀନ ମୋକଦ୍ଦମା ଗୁଡିକର ପକ୍ଷମାନଙ୍କ ସହମତିରେ ଆପୋସ ସମାଧାନ କରାଯାଇପାରିବ, ଯେଉଁଥିରେ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିଚାରାଧୀନ ବିବାଦର ଆପୋଷ ସମାଧାନ ପାଇଁ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

## ବରିଷ୍ଠ ନାଗରିକ ସଂଘର ମାଗଣା ସ୍ୱାସ୍ଥ୍ୟ ଶିବିର

ଭଦ୍ରକ,୫ ।୭ (ନିପ୍ର): ପୁରୁଣାବଜାର ମଦିନା ମୈଦାନ ସଭାକକ୍ଷରେ ପୁରୁଣାବଜାର ବରିଷ୍ଠ ନାଗରିକ ସଂଘ ଦ୍ୱାରା ପୂର୍ବ ଭାରତର ପ୍ରମୁଖ ପ୍ରାକୃତିକ ଚିକିତ୍ସାକେନ୍ଦ୍ର "ହେଲ୍‌ଥ ଭିଲ୍ଲା" ଭୁବନେଶ୍ୱର ସହାୟତାରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଦ୍ୱାରା ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ଶିବିର ପୂର୍ବରୁ ସଂଘର ବରିଷ୍ଠ ସଦସ୍ୟ ସୁଧାକର ରାଉତଙ୍କ ସଂଚାଳନାରେ ଏକ ସଚେତନତା ସଭାରେ ମହାସଂଘର ସଂପାଦକ କୈଳାସ ମହାପାତ୍ର, ପୁରୁଣାବଜାର ସଂଘର ସଭାପତି ଡ଼ା:ହକିମୁଦ୍ଦିନ ଖାଁ, ସଂପାଦକ ଶ୍ରୀରାମ ଚନ୍ଦ୍ର କର, ଉପଦେଷ୍ଟା ଅବଦୁଲ ମୋକିତ୍ ଖାଁ, ହେଲ୍‌ଥ ଭିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ମିଲନ ଓ ସହଯୋଗୀ ନାରାୟଣ ମଲ୍ଲିକ, ସାଗର ମହାନ୍ତି ଯୋଗଦାନ କରିଥିଲେ। ଆଜିକାଲି ବିଭିନ୍ନ ନାମୀ ଓ ଦାମୀ ଔଷଧ ବ୍ୟବହାର ନକରି, ପ୍ରାକୃତିକ ଚିକିତ୍ସା, ଆୟୁର୍ବେଦିକ ଚିକିତ୍ସା, ଯୋଗ ଚିକିତ୍ସା ମାଧ୍ୟମରେ କିପରି ବିଭିନ୍ନ ରୋଗରୁ ମୁକ୍ତି ମିଳିବ ସେ ବିଷୟରେ ଡ଼ା: ମିଲନ ସଚେତନ କରାଇଥିଲେ। ଉକ୍ତ ଶିବିରରେ ମୋଟାପଣ, ମଧୁମେହ, ଆର୍ଥରିଟିସ, ଫ୍ୟାଟି ଲିଭର, ସ୍ପନ୍‌ଡ଼ିଲିଟିସ୍,କିଡ଼ନୀ, ଉଚ୍ଚ ରକ୍ତଚାପ, ଗ୍ରାଷ୍ଟିକ୍ ଓ କୋଷ୍ଠ କାଠିନ୍ୟ ଓ ଚକ୍ଷୁ ଚିକିତ୍ସା ପାଇଁ ଆସିଥିବା ପ୍ରାୟ ୧୮୦ ରୋଗୀଙ୍କୁ ପରୀକ୍ଷା କରି ଅରୋଗ୍ୟ ପାଇଁ ଉପଯୁକ୍ତ ପରାମର୍ଶ ଦେଇଥିଲେ। ଚକ୍ଷୁ ପରୀକ୍ଷା କରି ମାଗଣା ଚଷମା ବଣ୍ଟନ କରିଥିଲେ।

## ସ୍ତ୍ରୀକୁ ହତ୍ୟା ଉଦ୍ୟମ, ମହିଳା ଥାନାରେ ମାମଲା

ପିପିଲି.୫ ।୭ (ନିପ୍ର); କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ତାର ସ୍ୱାମୀ ହତ୍ୟା ଉଦ୍ୟମ କରି ଥିବା ନେଇ ମହିଳା ଜଣକ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଥାନା ଅଭିଯୋଗକୁ ଗ୍ରହଣ କରି ସ୍ୱାମୀଙ୍କ ବିରୋଧରେ ମାମଲା ଆଗତ କରିବା ସହିତ ଉକ୍ତ ମାମଲାର ତଦନ୍ତ ପରିସର ଭୁକ୍ତ ନିଜ ଅଞ୍ଚଳର ହୋଇ ନଥିବା ଯୋଗୁଁ ଉକ୍ତ ମାମଲାକୁ ପିପିଲି ଥାନାକୁ ସ୍ଥାନାନ୍ତରିତ କରିବାରେ ପିପିଲି ଥାନା କେଶ ନଂ ୪୨୭/୨୬ ରେ ଭାରତୀୟ ନ୍ୟାୟ ସଂହିତା ଦଫା –୮୫/୧୦୯ ମାମଲା ଆଗତ କରି ତଦନ୍ତ ଦାଇତ୍ୱ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ଚିରଞ୍ଜୀବ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଯାହାକି ଫାଣ୍ଡି ଅଧିକାରୀ ହତ୍ୟା ଉଦ୍ୟମ କାରି ସ୍ୱାମୀକୁ ଗିରଫ କରିବାରେ ବିଫଳ ହୋଇଛି। ଏଭଳି ସମ୍ବେଦନ ଶୀଳ ମାମଲାରେ କିଭଳି ଗିରଫ କରାଯାଇ ନାହିଁ ତାହାକୁ ନେଇ ତଦନ୍ତ କାରି ଅଫିସରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅଭିଯୋଗ ଅନୁଯାୟୀ ସିଉଳା ବିଶୋଇ ସାହିର ରୋଜାଲିନ ବିଶୋଇ ନାମକ ବିବାହିତା ମହିଳା ତାଙ୍କ ସ୍ୱାମୀଙ୍କ ଠାରୁ ଅନେକ ଥର ଅତ୍ୟାଚାର ପାଇ ଆସୁ ଥିବା ବେଳେ ଏନେଇ ସେ ୨୦୨୫ ମସିହାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରି ମାମଲା କରି ଥିଲେ। ଯାହା ବିଚାରାଧୀନ ରହି ଅଛି ବୋଲି ଅଭିଯୋଗ କାରିଣୀ ଅଭିଯୋଗରେ ଉଲ୍ଲେଖ କରି ଛନ୍ତି। ଏହାପରେ ତାଙ୍କ ସ୍ୱାମୀ ପୁନର୍ବାର ହତ୍ୟା ଉଦ୍ୟମ କରି ଥିବା ନେଇ ମହିଳା ଜଣକ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରି ବାରୁ ମହିଳା ଥାନା ଅଧିକାରୀ ଥାନା କେଶ ନଂ ୪୩/୨୬ ମାମଲା ଆଗତ କରି ଥିଲେ ମଧ ଉକ୍ତ ଘଟଣା ନିଜ ପରିସର ଭୁକ୍ତ ତଦନ୍ତ ନୁହେଁ ଜାଣି ଉକ୍ତ ମାମଲାକୁ ପିପିଲି ଥାନାକୁ ପଠାଇଛନ୍ତି। ପିପିଲି ପୋଲିସ ଉକ୍ତ ମାମଲା ଜାଣି ତାହାରି ଉପରେ ପିପିଲି ଥାନା କେଶ ନଂ ୪୨୭/୨୬ ମାମଲା ଆଗତ କରି ଅଛି। ଅନ୍ୟ ପକ୍ଷରେ ପିପିଲି ଥାନା ଅଞ୍ଚଳର ଘଟଣା ଘଟି ଥିବା ବେଳେ ମହିଳା ଜଣକ ପିପିଲି ପୋଲିସ ଠାରୁ କାର୍ଯ୍ୟାନୁଷ୍ଠାନ ପାଇବାରେ ବାରମ୍ବାର ବଂଚିତ ରହିବାରୁ ସେ ଅତିଷ୍ଠ ହୋଇ ମହିଳା ଥାନାର ଦ୍ୱାରସ୍ଥ ହୋଇ ଥିଲେ।ଏନେଇ ତଦନ୍ତ କାରୀ ଅଫିସରଙ୍କ ମତାମତ ଲୋଡି ଥିବା ବେଳେ ରିପୋର୍ଟ ଲେଖାଯିବା ବେଳକୁ ତାଙ୍କ ପ୍ରତିକ୍ରିୟା ମିଳି ନଥିଲା। ତେଣୁ ଏଦିଗରେ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ନଜର ଦେଲେ ଏହି ମାମଲାର ପ୍ରକୃତ କାରନାମା ଲୋକଲୋଚନକୁ ଆସି ପାରନ୍ତା ବୋଲି କୁହାଯାଇଛି।

## ପୌରପାଳିକାରେ ଦୁର୍ନୀତି ଅଭିଯୋଗ

ଭଦ୍ରକ,୫ ।୭ (ନିପ୍ର): ଭଦ୍ରକ ପୌରପାଳିକାରେ ଖୋଲାଖୋଲି ଦୁର୍ନୀତି ଚାଲିଥିବା ଅଭିଯୋଗ ହେଉଛି। ମାତ୍ର ୩ ମାସ ତଳେ ୯ନମ୍ବର ଓ୍ୱାର୍ଡର ଶନି ମନ୍ଦିର ନିକଟ ରାସ୍ତା(ଦୁଃଶାସନ ବାରିକ ଘର ଠୁଁ ତ୍ରିଲୋକ ସାହୁଙ୍କ ଘର)'ଯାଏଁ ୧୬ଲକ୍ଷ ୫୯ହଜାର ୮୪୧ଟଙ୍କାର ପେଭର ରାସ୍ତା ନିର୍ମାଣ ହୋଇଥିଲା । ମାତ୍ର ଏହି ରାସ୍ତା ଅବସ୍ଥା ଆଜି ଶୋଚନୀୟ । ନିମ୍ନମାନର, ସଠିକ ଭାବେ ନିର୍ମାଣ ନହେବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଏଣେ ଅଧିବାସୀମାନେ ଭଦ୍ରକ ବିଧାୟକ, ଜିଲ୍ଲାପାଳ ଓ ପୌର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କିଛି କାର୍ଯ୍ୟାନୁଷ୍ଠାନ ନାହିଁ ।



ଦୀର୍ଘ ବର୍ଷ ହେବ ଭଦ୍ରକ ପୌରପାଳିକାରେ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନଥିବାରୁ କାର୍ଯ୍ୟ ତଦାରଖ କରୁଥିବା ଜନୈକ ଯନ୍ତ୍ରୀ ଏବେ ସର୍ବେସର୍ବା ହୋଇ ଲୁଟିବାରେ ବ୍ୟସ୍ତ । ଲୋକଙ୍କ ସରକାରରେ ଏଭଳି ଜନ ବିରୋଧୀ ତଥା ଦୁର୍ନୀତି ଅଭିଯୋଗର ଯାଂଚ ହୋଇ କାର୍ଯ୍ୟାନୁଷ୍ଠାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି ।

## 'ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଇତିବା'

ଭଦ୍ରକ,୫ ।୭ (ନିପ୍ର); ଭଦ୍ରକ ଜିଲ୍ଲା ନ୍ୟାୟଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ପୌରୋହିତ୍ୟରେ କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ,ଚୁନିଦା ପରିସରରେ ବନମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଭାତ କୁମାର ରାଜଗୁରୁ, ବିଚାରପତି ପରିବାର ଅଦାଲତ ଅରବିନ୍ଦ ରଥ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ତଥା- ସ୍ୱତନ୍ତ୍ର ବିଚାରପତି ବିକାଶ ଚନ୍ଦ୍ର ଦେ, ଅସ୍ଥାୟୀ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ମିନତି କୁମାରୀ ପଣ୍ଡା, ସ୍ଥାୟୀ ଲୋକ ଅଦାଲତ , ଭଦ୍ରକ ଅଧ୍ୟକ୍ଷ ବିଜୟ କୁମାର ପାତ୍ର, ତଥା ସମସ୍ତ ବିଚାରପତି ବୃନ୍ଦ, ବନବିଭାଗ ଅଧିକାରୀ, ଅରୁଣ କୁମାର ବିଶ୍ୱାଳଙ୍କ ସମେତ ବନ୍ୟ ପ୍ରାଣୀ ବିଭାଗର କର୍ମୀଗଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଭଦ୍ରକ ଅଂଶୁମାନ ଦ୍ୱିବେଦୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମ ଚରଣ ପରିଡା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ, ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିନକୁ ଦିନ ତାପ ମାତ୍ରା ବୃଦ୍ଧି ପାଉଥିବାରୁ ଜଳବାୟୁରେ ଅନିୟମିତତା ଦେଖାଯାଉଛି । ତେଣୁ ତାପମାତ୍ରାକୁ ହ୍ରାସ କରିବା ନିମିତ୍ତ ବହୁଳ ପରିମାଣରେ ବୃକ୍ଷ ରୋପଣ କରାଯିବା ଉଚିତ । ଛାତ୍ରଛାତ୍ରୀ ମାନଙ୍କୁ ବାର୍ତ୍ତା ଯେ 'ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଇତିବା। ତେଣୁ ଗଛଟିଏ ଲଗାଇ ପୃଥିବୀକୁ ସବୁଜ ଓ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିବା ବୋଲି ମତପ୍ରକଶ ପାଇଛି।

# ୨ ମାସ ଗଲାନି ନୂଆ ରାସ୍ତା, ଫାଟି ଆଁ

ରାୟଗଡା,୫ ।୭(ନିପ୍ର); ୨ମାସ ଗଲାନି ନୂତନ ରାସ୍ତା, ରାସ୍ତା ମଝିରେ ଫାଟି ଆଁ,ଠିକାଦାର ପାଇଁ ନାହିଁ ତ ? ନିମ୍ନମାନର କାମ ପାଇଁ ଦାୟୀ/ ବେପରୁଆଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ ? ରାଜ୍ୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉନ୍ନତି ଓ ରକ୍ଷାଣବେକ୍ଷଣ ଓ ନୂତନ ରାସ୍ତା କରିବା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ପ୍ରତିବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମରାମତି ଓ ରକ୍ଷଣାବକ୍ଷଣ ଓ ନୂତନ ରାସ୍ତା ନିର୍ମାଣ ପାଇଁ ଠିକାଦାର ପୋଷଣ ନୀତିରେ ଆର୍ଥିକ ବର୍ଷ ଶେଷ ବେଳକୁ କାର୍ଯ୍ୟ କାରି ହୋଇଥାଏ। ଏମିତି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ରାୟଗଡା ଜିଲ୍ଲାର ରାସ୍ତା ମରାମତି, ରାସ୍ତା ରକ୍ଷଣାବେକ୍ଷଣ ଓ ନୂତନ ରାସ୍ତା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରିଥାନ୍ତି ଜିଲ୍ଲାର ଗ୍ରାମ୍ୟ ନିର୍ମାଣ ସଂସ୍ଥା । କିନ୍ତୁ ମାର୍ଚ୍ଚ ମାସରେ ଠିକାଦାର ପୋଷିବା ନୀତିରେ ମରାମତି ଓ ନୂତନ ରାସ୍ତା କରିବା ପାଇଁ ପାର୍ଶାଲି ପଞ୍ଚାୟତର ପତଲମ୍ବା ଠାରୁ ପାର୍ଶାଲି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୪ କିମି ରାସ୍ତା ମରାମତି ଓ ନୂତନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇ ଯାଇଛି। ରାସ୍ତାରେ ଖାଲଖମାକୁ ମରାମତି କରି ପିଚୁ ପକାଯାଇଥାଏ। କିନ୍ତୁ ଏହି ରାସ୍ତାରେ ହୋଇଥିବା ଖାଲ ଖମା ଥିଲେ ମଧ ଅଧିକ ଖାଲ ମରାମିତି କରାଯାଉ ନଥିବାରୁ ଏକ ପ୍ରକାର ଦୁର୍ନୀତି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଭାଲେରି ଚକଠାରୁ ପାର୍ଶାଲି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରା ଯାଇଛି।ରାସ୍ତାରେ କିଛି କିଛି ସ୍ଥାନରେ ନୂତନ ମେଟାଲ, ଚିପ୍ସ ବିଜିରୀ ନପକାଇ କେବଳ ମରାମତି କରି ପିଚୁ ପକାରୁ ଥିବା ବେଳେ ଡିକେଡିଏ ପୁରୁଣା କାର୍ଯ୍ୟାଳୟ ଠାରେ ରାସ୍ତାରେ ନିକଟରେ ବିରାଟ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯେଉଁ ସ୍ଥାନରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ପିଚୁ ପକାଇ ମରାମତି କରିଥିଲେ। କିନ୍ତୁ ମାସକ ଗଲାଣି ପିଚୁ ଉଠି ଯାଇ ପୁଣି ଖଲ ଖମା ସୃଷ୍ଟି ହୋଇଛି। ଏମିତିକି ଏକ ମାସ ମଧ ଗଲାନାହିଁ ରାସ୍ତାରୁ ପିଚୁ ବାହାରି ଗଲାଣି ଓ ନୂତନ ରାସ୍ତା ଫାଟି ଆଁ କରିଥିବାରୁ ଗ୍ରାମ୍ୟ ଉନ୍ନୟନ (ଆରଡ଼ି )ବିଭାଗ ଉପରେ ସନ୍ଦେହେ ସୃଷ୍ଟି ହୋଇଛି। ଏହି ବିଭାଗର ଜିଲ୍ଲାର ସର୍ବୋଚ୍ଚ ଯନ୍ତ୍ରୀ ଲାଞ୍ଚ ନେଇ ଭିଜିଲାନ୍ସ ହାଟରେ ଧରା ପଡିଲେ ବୋଲି କୁହାଯାଉଛି। ବ୍ଲକର ଗତ ଦୁଇ ମାସ ମଧ୍ୟରେ ନିର୍ମାଣ ହୋଇଥିବା ରାସ୍ତାକୁ ତଦନ୍ତ ପରିସରକୁ ଆଣିଲେ ପାହାଡ଼ ଭଳି ଦୁର୍ନୀତି ପଦାକୁ ଆସିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯଦି ରାସ୍ତା ମରାମତି ଲୋକ ପାଇଁ କରାଯାଇଛି ତେବେ କାହିଁକି ସମ୍ପୂର୍ଣ୍ଣ ଖାଲ ମରାମତି କରା ଯାଉନି ବୋଲି ଅଭିଯୋଗ ହୋଇଛି।

ତେବେ ଉକ୍ତ ରାସ୍ତା ଠିକାଦାର ପାଇଁ ଉତ୍ସର୍ଗୀକୃତ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏମିତି ବର୍ଷର ଆର୍ଥିକ ଶେଷ ମାସ ମାର୍ଚ୍ଚ ମାସ ହୋଇଥିବାରୁ ଦୁର୍ନୀତିର ଅନ୍ୟ ନାମ ମାର୍ଚ୍ଚ ମାସର ଉନ୍ନୟନ କାମ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ଜିଲ୍ଲା ପ୍ରଶାସନ ଓ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ କରିବା ପାଇଁ ଦାବି ହୋଇଛି।



## ଖାଦ୍ୟ ବିଷାକ୍ତ ଜନିତ ରୋଗରେ ପୀଡ଼ିତ ମହିଳା ଆପୋଲୋ ହସ୍ପିଟାଲ୍ସରେ ଜୀବନ ଫେରି ପାଇଲେ

ରାଉରକେଲା,୫ ।୭ (ନିପ୍ର): ସୁନ୍ଦରଗଡ ଜିଲ୍ଲା ବରସୁଆଁର ରହୁଥିବା ସ୍ୱୟଂପ୍ରଭା ବେହେରା (୨୪ ବର୍ଷ) ବୁଧବାର ସକାଳେ ବଜାରରେ ବିକ୍ରୀ ହେଉଥିବା ବରା ଖାଇ ଅସୁସ୍ଥତା ଅନୁଭବ କରିଥିଲେ। ପରେ ବାନ୍ତି ହେବାରୁ, ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା ଏବଂ ପରେ ହାଇଟେକ୍ ମେଡିକାଲ କଲେଜ ନିଆଯାଇଥିଲା। ହାଇଟେକ୍ ମେଡିକାଲ କଲେଜ ତାଙ୍କୁ ଆଇସିୟୁର ବ୍ୟବସ୍ଥା ନଥାଇ ଫେରାଇ ଦେବାରୁ, ରୋଗୀଙ୍କୁ ରାଉରକେଲା ଆପୋଲୋ ହସ୍ପିଟାଲ୍ସକୁ ନେଇଥିଲେ ତାଙ୍କ ସ୍ୱାମୀ। ଆପୋଲୋ ହସ୍ପିଟାଲ୍ସରେ ପହଞ୍ଚିବା ବେଳକୁ ରୋଗୀ ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଥିଲେ। ଖାଦ୍ୟ ବିଷାକ୍ତ ଜନିତ ରୋଗରେ ପୀଡ଼ିତ ସ୍ୱୟଂପ୍ରଭାଙ୍କୁ ତୁରନ୍ତ କ୍ରିଟିକାଲ୍ କେୟାର ୟୁନିଟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଚେତଭ ରେଡ୍ଡୀ ତାଙ୍କୁ ଚିକିତ୍ସା କରିଥିଲେ। ଦୁଇ ଦିନ ଧରି ଚିକିତ୍ସା କରିବା ପରେ ଖାଦ୍ୟ ବିଷାକ୍ତ ଜନିତ ରୋଗରୁ ଆରୋଗ୍ୟଲାଭ କରିଥିଲେ ସ୍ୱୟଂପ୍ରଭା ବେହେରା । ଆପୋଲୋ ହସ୍ପିଟାଲ୍ସର କ୍ରିଟିକାଲ୍ କେୟାର ୟୁନିଟର ଡାକ୍ତର ଚେତଭ ରେଡ୍ଡି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏଭଳି ଫୁଡ୍ ପଏଜନ୍ ଜନିତ ଘଟଣା ହଜାରରେ ଗୋଟିଏ ଦେଖିବାକୁ ମିଳେ, ଯାହାକି ରୋଗୀ ସ୍ୱୟଂପ୍ରଭାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକରେ 'ବୃକ୍ଷରୋପଣ'

ସୋନପୁର,୫ ।୭ (ନିପ୍ର); ସାନପୁର ବ୍ଲକ ହରଡଖୋଲ କ୍ଲଷ୍ଟର୍ ଅନ୍ତର୍ଗତ କୁଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ୨୦୨୬–୨୭ ଶିକ୍ଷା ବର୍ଷର ପ୍ରଥମ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ସିଆରସିସି ରଶ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁଲିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଶିନୀ ମିଶ୍ର ସର୍ବପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସିଆରସିସି ରଶ୍ମିତା ସାହୁ ଶିକ୍ଷାବର୍ଷର ପ୍ରଥମ କ୍ଲଷ୍ଟର୍ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ବାର୍ଷିକ ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ଫଳାଫଳ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସୋନପୁରର ଅଧ୍ୟକ୍ଷ ରାମଚନ୍ଦ୍ର ବାଗ ଓ ସୋନପୁର ଡି.ପି.ସି. ପେଡାଗୋଜି ଅଧିକାରୀ ଅକ୍ଷୟ କୁମାର ସାହୁ ଉପସ୍ଥିତ ରହି ମାସିକ କ୍ଲଷ୍ଟର୍ ବୈଠକର ଗୁରୁତ୍ୱ ଏବଂ ଶୈକ୍ଷିକ କାର୍ଯ୍ୟପନ୍ଥା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଲକର୍ମା ବିଦ୍ୟାଳୟର ଶିକ୍ଷକ ବିକ୍ରମ କୁମାର ନନ୍ଦଙ୍କ ନେତୃତ୍ୱରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ହାଇସ୍କୁଲରେ ୭୭ତମ ବନମହୋତ୍ସବ

କୁଚିଣ୍ଡା,୫ ।୭ (ନିପ୍ର):ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ସରକାରୀ ୟୁଜି ହାଇସ୍କୁଲରେ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ବାମରା ବନ୍ୟପ୍ରାଣୀ ବନଖଣ୍ଡର ଭୋଜପୁର ବନାଞ୍ଚଳର ଫରେଷ୍ଟର ହେମନ୍ତ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀ ସିରିଡ ହାଇସ୍କୁଲର ମିଳିତ ଉଦ୍ୟମରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସିରିଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୃକ୍ଷରୋପଣ ଭୋଜପୁର ଫରେଷ୍ଟର ହେମନ୍ତ ମିଶ୍ର, ବନ ବିଭାଗ କର୍ମଚାରୀ, ସିରିଡ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ବୃକ୍ଷ ହିଁ ଜୀବନ। ଜଙ୍ଗଲ ବଞ୍ଚିଲେ ଯାଇ ମଣିଷ ବଞ୍ଚିବ। ତେଣୁ ଜଙ୍ଗଲ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ଆବଶ୍ୟକତା ରହିଛି। ଜଙ୍ଗଲ ବୃଦ୍ଧି ହେଲେ ମଣିଷକୁ ଭରପୁର ଅମ୍ଳଜାନ ମିଳିଥାଏ ଓ ପରିବେଶ ସୁସ୍ଥ ରହିଥାଏ। ପରେ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ରଥଯାତ୍ରା ବୈଠକ: ଶାନ୍ତିଶୃଙ୍ଖଳାରେ ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୫ ।୭ (ନିପ୍ର): ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା–୨୦୨୬କୁ ସୁରୁଖୁରୁ ଓ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲକ୍ଷ୍ୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରଥ ନିର୍ମାଣ, ରଥଯାତ୍ରା ଓ ବାହୁଡ଼ାଯାତ୍ରାର ନୀତି-ନିର୍ଘଣ୍ଟ, ରାସ୍ତାଘାଟ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଅଗ୍ନି ନିରାପତ୍ତା, ଟ୍ରାଫିକ ପରିଚାଳନା, ସୁରକ୍ଷା ବ୍ୟବସ୍ଥା, ସୂଚନା କେନ୍ଦ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥଦାଣ୍ଡ ସଫେଇ, ଆପ୍ରୋଚ୍ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି, ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା, ଅସ୍ଥାୟୀ ସିସିଟିଭି ସ୍ଥାପନ, ବଡଦାଣ୍ଡରେ ଆମିଷ ବିକ୍ରି ବନ୍ଦ, ପରିବା ବିକ୍ରେତାଙ୍କୁ ରଥଯାତ୍ରାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ବଡଦାଣ୍ଡରେ ନ ବସାଇବା ଏବଂ ଠାକୁରଙ୍କ ସମ୍ମୁଖରେ ସେବାୟତମାନଙ୍କ ଅନାବଶ୍ୟକ ଭିଡ଼ ରୋକିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା।ଗତବର୍ଷ ପରି ଚଳିତ ବର୍ଷ ମଧ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ଟି



ଭୋଗ ଖୋଲାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ରଥଯାତ୍ରା ଓ ବାହୁଡ଼ାଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସକୁ ମିଶାଇ ମୋଟ ୪ ଦିନ ଜିଲ୍ଲାରେ ମଦ ଦୋକାନ ବନ୍ଦ ରଖିବାକୁ ମଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ବଳଦେବଜୀଉ ଦେବତ୍ତର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ନବକୃଷ୍ଣ ଜେନା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଅମିତାଭ ସୁଆର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରଥଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମସ୍ତ ଜନସାଧାରଣ ଓ ସେବାୟତମାନଙ୍କ ସହଯୋଗ କାମନା କରାଯାଇଥିଲା।

## ନୈତିକ ଶିକ୍ଷା ଉପରେ ଗୁରୁତ୍ୱ

ବଲାଙ୍ଗିର,୫ ।୭ (ନିପ୍ର): ସୁପ୍ରତିଷ୍ଠିତ ତଥା ସାଂସ୍କୃତିକ ଅନୁଷ୍ଠାନ ଖଦ୍ୟୋତ ତରଫରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମାଲଗୋଦାମପଡା ବିଦ୍ୟାଳୟ ଠାରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସୃଜନୀ ଶକ୍ତିର ବିକାଶ ତଥା ମାନବିକ ମୁଲ୍ୟବୋଧର ଜାଗରଣ ସମ୍ପର୍କରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଅଗ୍ରୱାଲ ଛାତ୍ର ଛାତ୍ରୀଙ୍କୁ ଧର୍ମ ଓ ସଂସ୍କାର ତଥା ନୈତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ସିଆରସିସି ସେକ୍ ଅବଦୁଲ ଆଲାମ, ସମ୍ମାନିତ ଅତିଥି ଭାବେ ପ୍ରଶନ୍ନ ମିଶ୍ର ଓ ଦିବାକର ହୋତା ମଂଚାସୀନ ଥିଲେ। ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପଣ୍ଡା ତଥା ବରିଷ୍ଠ ଶିକ୍ଷାବିତ୍ ଧର୍ମବ୍ରତ ରଥ ମଂଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବାଦଲ ସାମଲ, ସରସ୍ୱତୀ ମହାନ୍ତି, ରୁକ୍ମଣି ଭୋଇ, ଭାରତୀ ବାଗ, ରିତେଶ ହରିପାଲ ତଥା ରସରାଜ କୁମ୍ଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ । ସ୍କୁଲ କମିଟିର ସଭାପତି ଯୁଧିଷ୍ଠିର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ ।

## ବ୍ୟକ୍ତିଗତ ଜାଗାରେ ପୋଲ ନିର୍ମାଣ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଧାମନଗର,୫ ।୭ (ନିପ୍ର): ସରକାର ଗ୍ରାମାଞ୍ଚଳରେ ବିକାଶ ପାଇଁ କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ଅଧିକାଂଶ ସ୍ଥାନ ରେ ସରକାରୀ ଅଧିକାରୀ ଓ ଠିକାଦାରଙ୍କ ସଲା ସୁତରାରେ ସରକାରୀ ଟଙ୍କା ବାଟ ବଣା ହେଉଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଧାମନଗର ବ୍ଲକ ଧୂଷୁରି ଅଞ୍ଚଳରେ ଘଟିଛି । ଏକ ବ୍ୟକ୍ତିଗତ ଜାଗାରେ ସରକାରୀ ଟଙ୍କା ଖର୍ଚ୍ଚ କରା ଯାଇ କାମ ହେଉଛି । ଯାହାକି ସାଧାରଣ ଲୋକଙ୍କ କାମରେ ଆସିବନି।ଧୂଷୁରୀ ବଜାର ନିକଟରେ ଚାଲିଥିବା ଏକ ପୋଲ ନିର୍ମାଣ କାର୍ଯ୍ୟକୁ ନେଇ ଓଲଟପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ଏହି ପୋଲକୁ ଏକ ବ୍ୟକ୍ତିଗତ ବ୍ୟବସାୟିକ ଅନୁଷ୍ଠାନକୁ ସଂଯୋଗ କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଅଶୋକ ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଓଲଟପୁର ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ଚାଷୀଙ୍କ ଯାତାୟାତ ସୁବିଧା ପାଇଁ ଏକ ପୋଲ ନିର୍ମାଣ ଅତ୍ୟନ୍ତ ଜରୁରୀ ଥିଲା। କିନ୍ତୁ ବର୍ତ୍ତମାନ ଯେଉଁ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି, ତାହା କେବଳ ଏକ ବ୍ୟକ୍ତିଗତ ପ୍ରତିଷ୍ଠାନକୁ ଲାଭ ପହଞ୍ଚାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ, ମାତ୍ର ଏଠାରେ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେମାନେ ଦାବି କରିଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବା ସହ ଉକ୍ତ ପ୍ରକଳ୍ପର ନକ୍ସା ଓ ଅନୁମୋଦନ ପ୍ରକ୍ରିୟାର ସତ୍ୟତା ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏହି ପ୍ରକଳ୍ପରେ କୌଣସି ଅନିୟମିତତା ରହିଛି, ଏହାର ବିଧିବଦ୍ଧ ତଦନ୍ତପାଇଁ ଦାବି କରା ଯାଇଛି। ଏ ଦିଗରେ ଡ୍ରେନେଜ୍ ବିଭାଗର ଯନ୍ତ୍ରୀ କହିଛନ୍ତି ଯେ ନିର୍ମାଣ ହେଉଥିବା ପୋଲକୁ ସର୍ବସାଧାରଣକୁ ଦିଆ ଯିବ । ଅପରପକ୍ଷେ ଯଦି ଏହାର ବିଧିବଦ୍ଧ ତଦନ୍ତ ନ ହୁଏ ଆଗାମୀଦିନରେ ସ୍ଥାନୀୟ ବାସିନ୍ଦା ମାନେ ରାଜରାସ୍ତାକୁ ଆସିବେ ବୋଲି ଚେତାବନୀ କରିଛନ୍ତି।



## ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ସଂକ୍ରାନ୍ତରେ ଆଲୋଚନା

ନୟାଗଡ଼,୫ ।୭ (ନିପ୍ର); ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷକତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ,ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ,କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, , ନୟାଗଡ଼ ବିଧାୟକ ଡ଼ଃ ଅରୁଣ କୁମାର ସାହୁ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ, ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରାଯାଇଥିଲା ।

ପ୍ରାରମ୍ଭରୁ ଅଧ୍ୟକ୍ଷ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରୀଙ୍କ ସହ ପିଏମଇଜିପି ଋଣ ମଞ୍ଜୁର ବିଷୟରେ ଏବଂ ଉଦ୍ୟମୀ ଓଡ଼ିଶା ଏମ ଏସ ଏମ ଇ କାର୍ଯ୍ୟକ୍ରମର ସଫଳତା ବିଷୟରେ ଆଲୋଚନା କରିଥିଲେ । ଏହା ପରେ ଲକ୍ଷପତି ଦିଦି ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ମଞ୍ଜୁର କରିବା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ




ଆଲୋଚନା କରାଯାଇଥିଲା । ପରେ ବୃଓଙ୍ଗ ବୃହତ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ସାଂସଦ ଗଣ, ବିଧାୟକ ଏବଂ ଜନ ପ୍ରତିନିଧିମାନେ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେହିପରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଜଳ ଜୀବନ ମିଶନରେ ନଳକୂପ ଖନନ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ସମ୍ବନ୍ଧରେ ସଦସ୍ୟମାନେ ସମ୍ପୃକ୍ତ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରୁ ବିଭିନ୍ନ ଭତ୍ତା ଯୋଜନାରେ କେତେ ହିତାଧିକାରୀ ଆବେଦନ କରିଛନ୍ତି ଏବଂ କେତେ ଲାଭାନ୍ୱିତ ହୋଇଛନ୍ତି, ସେ ସମ୍ବନ୍ଧୀୟ ତଥ୍ୟ ରଖିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ।

ଏହା ପରେ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହ ପଥ ପାର୍ଶ୍ୱ ବୃକ୍ଷ ରୋପଣ ଏବଂ ଚଳିତ ବର୍ଷର ଚାରା ଉତ୍ପାଦନ ଓ ଯୋଗାଣ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ପରେ ପରେ ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମଗୁଡିକରେ ଅଣ ସୁରକ୍ଷିତ ଜାଗାରେ ଥିବା ଟ୍ରାନ୍ସଫର୍ମର ଗୁଡିକର ସ୍ଥାନାନ୍ତରଣ କରିବା ଉପରେ ଏବଂ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଅଧୀନରେ ଥିବା ରାସ୍ତା ଗୁଡିକର ମରାମତି ତଥା ରକ୍ଷଣାବେକ୍ଷଣ ଉପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

# ପିଓକେ ବିଦ୍ରୋହ ତେଜିଲା

## ଭାରତର ସହାୟତା ଲୋଡ଼ିଲେ ପ୍ରଦର୍ଶନକାରୀ



ମୁଜାଫରାବାଦ,୫।୭: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ବର୍ତ୍ତମାନ ଏକ ଅଭୂତପୂର୍ବ ଗଣଅସନ୍ତୋଷ ଦେଖିବାକୁ ମିଳିଛି। ଇସଲାମାବାଦର ଦମନମୂଳକ ନୀତି ବିରୋଧରେ ହଜାର ହଜାର ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ କିଛି ସପ୍ତାହ ଧରି ଜାରି ରହିଥିବା ଏହି ଆନ୍ଦୋଳନ ଏବେ ଅଧିକ ଉଗ୍ର ରୂପ ଧାରଣ କରିଛି। ପାକିସ୍ତାନ ପ୍ରଶାସନ ୬୦୦ରୁ ଅଧିକ ସକ୍ରିୟ କର୍ମୀଙ୍କୁ ଗିରଫ କରିବା ସହ 'ଜଏଣ୍ଟ ଆୱାମୀ ଆକ୍ସନ କମିଟି' (ଜେଏଏସି)ର ପ୍ରମୁଖ ନେତା ଶୌକତ ନୱାଜ ମୀର୍ଙ୍କୁ ଗୃହବନ୍ଦୀ କରିବା ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ଜାରି ରହିଛି। ଜେଏଏସି ନେତା ସର୍ଦ୍ଦାର ଅମନ ଖାନଙ୍କ ସମେତ ଅନ୍ୟ ପ୍ରମୁଖ ନେତାମାନଙ୍କର ଅନେକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ବ୍ୟାପକ ଭାବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେମାନେ ଭାରତ ସରକାରଙ୍କ ନିକଟରେ ସହାୟତା ପାଇଁ ଆକୁଳ ନିବେଦନ କରୁଛନ୍ତି। ପ୍ରଦର୍ଶନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଏକ ମାସରୁ ଅଧିକ ସମୟ ଧରି ପାକିସ୍ତାନ ସେମାନଙ୍କ ଉପରେ ଅତ୍ୟାଚାର ଚଳାଇବା ସହ ସେଠାରେ ଖାଦ୍ୟ ଏବଂ ଜୀବନରକ୍ଷାକାରୀ ଔଷଧର ଉତ୍କଟ ସଂକଟ ସୃଷ୍ଟି ହୋଇଛି। ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ଆନ୍ଦୋଳନକାରୀ ନେତା ଅମନ ଖାନ ପ୍ରଦର୍ଶନକାରୀଙ୍କୁ ନିୟନ୍ତ୍ରଣ ରେଖା (ଏଲ୍ଓସି) ଆଡ଼କୁ ମାର୍ଚ୍ଚ କରିବାକୁ ଆହ୍ୱାନ ଦେଇଛନ୍ତି। କାଶ୍ମୀରକୁ ବିଭାଜନ କରୁଥିବା ଏହି ସୀମା ରେଖାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ ବୋଲି ସେ ଘୋଷଣା କରିଛନ୍ତି। ସେଠାରେ ଉପସ୍ଥିତ ହଜାର ହଜାର ଜନତା ପାକିସ୍ତାନ ଶାସନରୁ ମୁକ୍ତି ପାଇଁ ସ୍ଲୋଗାନ ଦେଇଥିଲେ। ପାକିସ୍ତାନକୁ ଚେତାବନୀ ଦେଇ ଖାନ କହିଛନ୍ତି, ଯଦି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରକୁ ପାକିସ୍ତାନ ଗୁଳି ଚଳାଏ, ତେବେ ଆମେ ତାର କଡ଼ା ଜବାବ ଦେବୁ। ଏହି ଆନ୍ଦୋଳନ ବର୍ତ୍ତମାନ କେବଳ ପାକିସ୍ତାନ ଅଧିକୃତ କାଶ୍ମୀର ମଧ୍ୟରେ ସୀମିତ ନରହି ସମଗ୍ର ଅଞ୍ଚଳର ଏକତ୍ରୀକରଣ ଦାବିରେ ରୂପାନ୍ତରିତ ହୋଇଛି। ପ୍ରଦର୍ଶନକାରୀ ନେତାମାନେ ଜାମ୍ମୁ, ରାଜୌରୀ, ପୁଞ୍ଚ, ଲଦାଖ ଏବଂ ଗିଲ୍ଗିଟ୍-ବାଲ୍ଟିସ୍ତାନର ସମୁଦାୟକୁ ଏକାଠି ହେବାକୁ ନିବେଦନ କରିଛନ୍ତି।

## ସ୍ୱାମୀଙ୍କୁ ୨୦ଟି ନିଦ ବଟିକା ଖୁଆଇ ହତ୍ୟା

# ଶବକୁ ବାଥରୁମ୍ ତଳେ ପୋତିଦେଇଥିଲା

ଆଗ୍ରା,୫।୭: ଉତ୍ତରପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ନିଦ ବଟିକା ଖୁଆଇବା ପରେ ହତ୍ୟା କରି ଘରର ବାଥରୁମ୍ ତଳେ ପୋତିଦେଇଥିବା ଅଭିଯୋଗରେ ପୁଲିସ ମୃତକଙ୍କ ପତ୍ନୀଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ହତ୍ୟା ପୂର୍ବରୁ ଅଭିଯୁକ୍ତା ସ୍ୱାମୀଙ୍କୁ ପ୍ରାୟ ୨୦ଟି ନିଦ ବଟିକା ଖୁଆଇଥିଲେ, ଯାହାଫଳରେ ସେ ଅଚେତ ହୋଇପଡ଼ିଥିଲେ। ପୁଲିସ ସୂଚନା ଅନୁସାରେ, ମୃତକଙ୍କ ନାମ ସୁରେନ୍ଦ୍ର ଶର୍ମା। ତାଙ୍କ ପତ୍ନୀ ରୁବି ଶର୍ମାଙ୍କ ବିରୋଧରେ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗ ରହିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ରୁବି ପ୍ରଥମେ ସୁରେନ୍ଦ୍ରଙ୍କୁ ଖାଦ୍ୟରେ ନିଦ ବଟିକା ମିଶାଇ ଖୁଆଇଥିଲେ। ସେ ଅଚେତ ହେବା ପରେ ତାଙ୍କ ମୁହଁ ଓ ନାକ ଚାପି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର ଠିକ୍ କାରଣ ପୋଷ୍ଟମର୍ଟମ୍ ରିପୋର୍ଟ ପରେ ସ୍ପଷ୍ଟ ହେବ। ହତ୍ୟା ପରେ ରୁବି ଶର୍ମା ଘରର ବାଥରୁମ୍ ଭିତରେ ଏକ ଗଭୀର ଗାତ ଖୋଳି ସେଥିରେ ସୁରେନ୍ଦ୍ରଙ୍କ ମୃତଦେହକୁ ପୋତି ଦେଇଥିଲେ। ଏହାପରେ ସିମେଣ୍ଟ ଓ ଟାଇଲ୍ ଲଗାଇ ବାଥରୁମକୁ ପୂର୍ବଭଳି କରିଦେଇଥିଲେ, ଯାହାଫଳରେ କାହାରି ସନ୍ଦେହ ହେବ ନାହିଁ। କିଛି ଦିନ ଧରି ସୁରେନ୍ଦ୍ରଙ୍କ ଖୋଜଖବର ନ ମିଳିବାରୁ ପରିବାର ସଦସ୍ୟମାନେ ପୁଲିସରେ ଅଭିଯୋଗ





କରିଥିଲେ। ତଦନ୍ତ ସମୟରେ ପୁଲିସ ଘର ଯାଞ୍ଚ କରିବା ବେଳେ ବାଥରୁମର ନୂଆ ନିର୍ମାଣକୁ ନେଇ ସନ୍ଦେହ କରିଥିଲା। ଖୋଳାଖୋଳି କରାଯିବା ପରେ ସେଠାରୁ ସୁରେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଥିବା ବେଳେ ଫରେନ୍ସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ପାରିବାରିକ ବିବାଦକୁ ହତ୍ୟାର ସମ୍ଭାବ୍ୟ କାରଣ ବୋଲି ମନେ କରାଯାଉଛି। ତେବେ ଏହା ପଛରେ ଅନ୍ୟ କୌଣସି କାରଣ କିମ୍ବା ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ଅଭିଯୁକ୍ତ ରୁବି ଶର୍ମାଙ୍କୁ ଅଦାଲତରେ ହାଜର କରାଯାଇଥିବା ବେଳେ ପୁଲିସ ତାଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବାକୁ ପ୍ରସ୍ତୁତି ଚଳାଇଛି। ଏହି ଘଟଣା ସମଗ୍ର ଆଗ୍ରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ଇଣ୍ଡୋନେସିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୫।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୬ ରୁ ଇଣ୍ଡୋନେସିଆର ତିନି ଦିନିଆ ଗସ୍ତରେ ଯାଉଛନ୍ତି। ଏହି ଗସ୍ତ ସମୟରେ ଭାରତ ଏବଂ ଇଣ୍ଡୋନେସିଆ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ପ୍ରଣାଳୀର ପର୍ଯ୍ୟାୟକ୍ରମେ କ୍ରୟ ବିଷୟରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କ ପାଇଁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି।ପ୍ରତିରକ୍ଷା ସୂତ୍ର ଅନୁସାରେ, ଦୁଇ ଦେଶ ମଧ୍ୟରେ ଆଲୋଚନା ମାର୍ଚ୍ଚ ମାସରେ ଚୂଡ଼ାନ୍ତ ହୋଇଥିବା ପ୍ରାରମ୍ଭିକ ସିଙ୍ଗଲ-ସିଷ୍ଟମ ଚୁକ୍ତିନାମାଠାରୁ ଆଗକୁ ବଢ଼ିବ। ଏଥର ଆଲୋଚନାରେ ଉପକୂଳ ଏବଂ ମୋବାଇଲ୍ ଲଞ୍ଚର୍, ରାଡାର, ତାଲିମ, ରକ୍ଷଣାବେକ୍ଷଣ ଏବଂ ଏକ ବ୍ୟାପକ ସହାୟତା ପ୍ୟାକେଜ୍ ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ଅଛି। ଏପରି ସ୍ଥିତିରେ, ଏହା କୁହାଯାଇପାରେ ଯେ ଇଣ୍ଡୋନେସିଆକୁ କେବଳ କ୍ଷେପଣାସ୍ତ୍ର ନୁହେଁ ବରଂ ଏହାର ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ମଧ୍ୟ ହସ୍ତାନ୍ତର କରାଯିବ।

## ମୋଦିଙ୍କୁ ନେଇ ପାକ୍ ପ୍ରତିରକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟର କଡ଼ା ଜବାବ



ନୂଆଦିଲ୍ଲୀ,୫।୭: ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟର ଭାରତ କଡ଼ା ଭାଷାରେ ପ୍ରତ୍ୟୁତ୍ତର ଦେଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଖ୍ୱାଜା ଆସିଫ୍ଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି ସେ ମାନସିକ ଭାବେ ଅସୁସ୍ଥ ଅଛନ୍ତି। ନିଜ ଦେଶର ବିଫଳତା ଓ ଆଭ୍ୟନ୍ତରୀଣ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ସେ ଭାରତ ବିରୋଧରେ ଅନାଧାର ଓ ଉତ୍ତେଜନାମୂଳକ ବୟାନ ଦେଉଛନ୍ତି। ନିକଟରେ ଏକ ସାକ୍ଷାତକାରରେ ଖ୍ୱାଜା ଆସିଫ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଦ୍ୱୀପରାଷ୍ଟ୍ର ସେସେଲ୍ସରୁ ପାଇଥିବା ସର୍ବୋଚ୍ଚ ସମ୍ମାନକୁ ତାଚ୍ଛଲ୍ୟ କରି ସେ ଏହାକୁ 'ଇଞ୍ଜିନିୟର୍ଡ' ସ୍ୱୀକୃତି ବୋଲି କହିଥିଲେ। ଖ୍ୱାଜା ଆସିଫ୍ଙ୍କ ମନ୍ତବ୍ୟକୁ ଭାରତ ଈର୍ଷାର ପରିଣାମ ବୋଲି କହିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନର ନେତୃତ୍ୱ ନିରନ୍ତର ଭାରତ ବିରୋଧରେ ବିଷୋଦାଗାର କରୁଛି, କିନ୍ତୁ ଏହାଦ୍ୱାରା ସତ୍ୟକୁ ଲୁଚାଇ ହେବ ନାହିଁ। ପାକିସ୍ତାନ ଆଜି ବିଶ୍ୱରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଭାବେ ପରିଚିତ। ଭାରତ କହିଛି ଯେ, ପାକିସ୍ତାନ ସରକାର ନିଜ ଦେଶର ଆର୍ଥିକ ସଙ୍କଟ, ଆଭ୍ୟନ୍ତରୀଣ ଅସ୍ଥିରତା ଓ ଆତଙ୍କବାଦ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଭାରତ ବିରୋଧୀ ବୟାନ ଦେଇ ରାଜନୈତିକ ଫାଇଦା ସାଉଁଟିବାକୁ ଚେଷ୍ଟା କରୁଛି।

## ଖେମିନିଙ୍କ ଅନ୍ତିମ ସଂସ୍କାରରେ ୩ ପୁଅ ସାମିଲ



ତେହେରାନ,୫।୭: ଇରାନର ସର୍ବୋଚ୍ଚ ନେତା ଅଲି ଖେମିନିଙ୍କ ପୁଅମାନେ ତାଙ୍କ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଛନ୍ତି। ତିନି ପୁଅ, ମାସୁଦ, ମୈସାମ ଏବଂ ମୁସ୍ତାଫା, ତେହେରାନରେ ରବିବାର ଅନୁଷ୍ଠିତ ହୋଇଥିବା ଅନ୍ତିମ ସଂସ୍କାର ପ୍ରାର୍ଥନା ସଭାରେ ଅଂଶଗ୍ରହଣ କରିଛନ୍ତି। ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣରେ ସର୍ବୋଚ୍ଚ ନେତା ଅଲି ଖେମିନିଙ୍କ ହତ୍ୟା ପରେ ପ୍ରଥମ ଥର ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ସାର୍ବଜନୀନ ଭାବରେ ଦେଖିବାକୁ ମିଳିଛି। ଧାର୍ମିକ ନେତା ଜାଫର ପ୍ରାର୍ଥନା ସଭାର ନେତୃତ୍ୱ ନେଇଥିଲେ ତେବେ ଅଲି ଖେମିନିଙ୍କ ଦ୍ୱିତୀୟ ପୁଅ ଏବଂ ଉତ୍ତରାଧିକାରୀ ମୋଜତାବା ଖେମିନି ପ୍ରାର୍ଥନା ସଭାରେ ଯୋଗ ଦେଇ ନାହାନ୍ତି। ଇସ୍ରାଏଲୀ ଆକ୍ରମଣ ଭୟରେ ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜତାବା ଖେମିନି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲେ। ଇସଲାମିକ୍ ରିପବ୍ଲିକ୍ ଗାର୍ଡ କର୍ପସ (ଆଇଆରଜିସି) କମାଣ୍ଡର ଅହମଦ ଭାହିଦି ଏବଂ ଏଲିଟ୍ କୁଦସ୍ ଫୋର୍ସ କମାଣ୍ଡର ଇସମାଇଲ୍ କାଆନି ପ୍ରାର୍ଥନା ସଭାରେ ଅଂଶଗ୍ରହଣ କରିଥିବା ଦେଖାଯାଇଛି। ରବିବାର ଦିନ ତେହେରାନର ଗ୍ରାଣ୍ଡ ମୋସାଲା ଧାର୍ମିକ ପରିସରରେ ଅଲି ଖେମିନିଙ୍କ ପାଇଁ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ତସନିମ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ, ଇରାନର ବରିଷ୍ଠ ଧାର୍ମିକ ନେତା ଜାଫର ସୋଭାନି ପ୍ରାର୍ଥନା ସଭାର ନେତୃତ୍ୱ ନେଇଥିଲେ। ଆମେରିକା-ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିବା ଖେମିନି ଏବଂ ତାଙ୍କ ପରିବାରର ଚାରି ସଦସ୍ୟ, ତାଙ୍କ ୧୪ ମାସର ନାତୁଣୀଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା।

## ବଙ୍ଗୋପସାଗରରେ ୬ ନିଖୋଜ ମତ୍ସ୍ୟଜୀବୀଙ୍କୁ ଖୋଜୁଛି ନୌସେନା

ବିଶାଖାପାଟଣା,୫।୭: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ପ୍ରତିକୂଳ ପାଗ ମଧ୍ୟରେ ଏକ ମାଛଧରା ବୋଟରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରୁ ପ୍ରାୟ ୬ ଜଣ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟରେ ନିଖୋଜ ହୋଇଯାଇଛନ୍ତି। ବୋଟରେ ୭ଜଣ ମତ୍ସ୍ୟଜୀବୀ ଥିବା ବେଳେ ରବିବାର ସେହି ବାଟ ଦେଇ ଯାଉଥିବା ଏକ ପର୍ଯ୍ୟଟନ କ୍ରୁଜ୍ ଜାହାଜ ଜଣେ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏହି ମତ୍ସ୍ୟଜୀବୀମାନେ ଗତ ଜୁଲାଇ ୧ ତାରିଖରେ ବିଶାଖାପାଟଣା ଫିସିଂ ହାର୍ବରରୁ ସମୁଦ୍ରକୁ ଯାଇଥିଲେ ଏବଂ ଜୁଲାଇ ୪ ସୁଦ୍ଧା ଫେରିବାର ଥିଲା। ଇଷ୍ଟ କୋଷ୍ଟ ମେକାନାଇଜ୍ଡ ଫିସିଂ ବୋଟ୍ ଓନର୍ସ ଆସୋସିଏସନର ସୂଚନା ଅନୁଯାୟୀ, ଜୁଲାଇ ୩ ତାରିଖରେ ସମୁଦ୍ରରେ ଲଘୁଚାପ ସୃଷ୍ଟି ହେବା ପରେ ମତ୍ସ୍ୟ ବିଭାଗ ଓ ମରାଇନ୍ ପୋଲିସ ପକ୍ଷରୁ ଏହି ବୋଟର କ୍ରୁ ମେମ୍ବରମାନଙ୍କ ସହ ଯୋଗାଯୋଗ କରାଯାଇ ସମୁଦ୍ର ଅଶାନ୍ତ ଥିବାରୁ ତୁରନ୍ତ କୂଳକୁ ଫେରିବା ପାଇଁ ଚେତାବନୀ ଦିଆଯାଇଥିଲା। ମାତ୍ର ବୋଟଟିରେ କିଛି ଯାନ୍ତ୍ରିକ ତ୍ରୁଟି ଘଟିବା କାରଣରୁ ସେମାନେ ଫେରିପାରିନଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ସ୍ଥିତିର ସମୀକ୍ଷା କରିବା ସହ ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୟେମେନରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ: ୧୪ ସୈନିକ ନିହତ

ହୁଦାଇଦା,୫।୭: ୟେମେନର ବନ୍ଦର ସହର ହୁଦାଇଦାର ଦକ୍ଷିଣ ଅଞ୍ଚଳରେ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ଆକ୍ରମଣରେ ଅତି କମରେ ୧୪ ଜଣ ୟେମେନ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଏଥିସହ ୨୩ ଜଣ ସୈନ୍ୟ ଆହତ ହୋଇଥିବା ୟେମେନ ସେନାର ଦୁଇଜଣ ସାମରିକ ଅଧିକାରୀ ସୂଚନା ଦେଇଛନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ହୁତିଙ୍କ ପକ୍ଷରୁ ଏହା ସବୁଠାରୁ ବଡ଼ ଆକ୍ରମଣ ବୋଲି ଅଧିକାରୀମାନେ କହିଛନ୍ତି।

# ଇରାନକୁ ଟ୍ରମ୍ପଙ୍କ ଧମକ: ଚାହିଁଲେ ଏକାଥରେ ସବୁ ଶେଷ





ୱାଶିଂଟନ,୫।୭: ଇରାନରେ ବର୍ତ୍ତମାନ ଏକ ସପ୍ତାହ ଶୋକ ପାଳନ କରାଯାଉଛି। ସର୍ବୋଚ୍ଚ ନେତା ଅଲି ଖାମନେଇଙ୍କୁ ଜୁଲାଇ ୪ରୁ ଜୁଲାଇ ୯ ପର୍ଯ୍ୟନ୍ତ ଶେଷ ବିଦାୟ ଦିଆଯାଉଛି । ତେହେରାନ ସମେତ ଅଧିକାଂଶ ଇରାନ ସହରଗୁଡ଼ିକରେ ରାସ୍ତାରେ ପ୍ରବଳ ଭିଡ଼ ଜମିଛି । ପ୍ରତ୍ୟେକ ଇରାନୀ ଶେଷଯାତ୍ରାରେ ଯୋଗ ଦେବାକୁ ଚାହାଁନ୍ତି। ଏହି ସମୟରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି । ସେ ମନ୍ତବ୍ୟ ଦେଇଛନ୍ତି ଯେ ଇରାନରେ ଏତେ ସଂଖ୍ୟାରେ ଲୋକ ଏକାଠି ହେଉଛନ୍ତି – ଏବଂ ଯଦି ଆମେରିକା ଚାହେଁ ତେବେ ସେ ସମସ୍ତଙ୍କୁ ଗୋଟିଏ ଥରରେ ନିପାତ କରିପାରିବ । କିନ୍ତୁ ଏଭଳି କରିବାରୁ ନିବୃତ୍ତ ରହିଛି । ଯଦି ସମସ୍ତଙ୍କୁ ହତ୍ୟା କରାଯାଏ, ତେବେ ଆଲୋଚନା ପାଇଁ କେହି ରହିବେ ନାହିଁ ବୋଲି କହିଛନ୍ତି ଟ୍ରମ୍ପ। ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ ଇରାନର ନେତାମାନେ ଏକ ଚୁକ୍ତି ପାଇଁ ନିବେଦନ କରୁଛନ୍ତି । ସେ କହିଛନ୍ତି ଯେ ଉଭୟ ପକ୍ଷ ଏକ ସପ୍ତାହର ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି, କାରଣ ଇରାନୀ ଲୋକମାନେ ଖାମନେଇଙ୍କୁ ଶେଷ ବିଦାୟ ଦେବାରେ ବ୍ୟସ୍ତ ଅଛନ୍ତି । ସେ ବିଦାୟ ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି ହୋଇଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି, ଉଲ୍ଲେଖ କରିଛନ୍ତି ଯେ ସେ ଧରି ନେଇଥିଲେ ଯେ ଇରାନୀ ଲୋକମାନେ ତାଙ୍କୁ ଘୃଣା କରନ୍ତି। ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ, ଯିଏ ନିରନ୍ତର ୩୬ବର୍ଷ ଧରି ଶାସନ କରିଥିଲେ, ଫେବୃଆରୀ ୨୮ତାରିଖରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଏକ ଆକ୍ରମଣରେ ପ୍ରାଣ ହରାଇଥିଲେ। ସେହି ଆକ୍ରମଣ ପରେ ଇରାନ ଅନେକ ପ୍ରତିଶୋଧମୂଳକ ଆକ୍ରମଣ କରିଥିଲା। ଏହା ସମଗ୍ର ମଧ୍ୟପ୍ରାଚ୍ୟରେ ବ୍ୟାପକ ଅଶାନ୍ତି ସୃଷ୍ଟି କରିଥିଲା। ଏହା ବ୍ୟତୀତ, ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଯୋଗାଣ ପଥ – ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ଏବଂ ଗ୍ୟାସର ପ୍ରବାହ ବାଧାପ୍ରାପ୍ତ ହୋଇଥିଲା। ଶାନ୍ତି ଚୁକ୍ତି ପାଇଁ ପରିସ୍ଥିତି ସୃଷ୍ଟି ହେବା ପରେ ଯୋଗାଣ ଏବେ ପୁନର୍ବାର ଆରମ୍ଭ ହୋଇଛି। ତଥାପି, ଡୋନାଲ୍ଡ ଟ୍ରମ୍ପ ଧମକ ଜାରି ରଖିଛନ୍ତି, ଯେତେବେଳେ ଇରାନ ଆମେରିକା ନିକଟରେ ହାର ମାନିବାର କୌଣସି ସଙ୍କେତ ଦେଖାଉନାହିଁ।

## କଡ଼ା ଜବାବ ଦେଲା ଇରାନ

ତେହରାନ,୫।୭: ଡୋନାଲ୍ଡ ଟ୍ରମ୍ପଙ୍କ ନିରନ୍ତର ବୟାନବାଜି ଉପରେ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଟ୍ରମ୍ପ ଦାବି କରିଥିଲେ ଯେ ସେ ଦେଶର ବରିଷ୍ଠ ନେତାମାନଙ୍କୁ ଗୋଟିଏ ଆକ୍ରମଣରେ ନିପାତ କରିପାରିଥାନ୍ତେ । ଇରାନରେ ଦିବଂଗତ ସର୍ବୋଚ୍ଚ ନେତା ଅଲୀ ଖାମନେଇଙ୍କ ଅନ୍ତିମ ସଂସ୍କାର ପାଇଁ ଅନେକ ଲୋକ ଏକାଠି ହୋଇଥିବା ବେଳେ ଏଭଳି ବୟାନ ଦେଇଥିଲେ ଟ୍ରମ୍ପ । ପ୍ରତିଶୋଧ ନେଇ ଇରାନ କହିଛି ଯେ ଆମେରିକାର ନା ସଭ୍ୟତା ଅଛି ନା ଇତିହାସ । ରବିବାର ଦିନ, ଖାମନେଇଙ୍କ ତିନି ପୁଅ ଏବଂ ଅନ୍ୟାନ୍ୟ ବରିଷ୍ଠ ଇରାନୀ ନେତା ଅନ୍ତିମ ସଂସ୍କାର ପ୍ରାର୍ଥନା ପାଇଁ ସାଧାରଣରେ ଦେଖା ଦେଇଥିଲେ। ଉଲ୍ଲେଖନୀୟ ଯେ, ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜତାବା ଖାମନେଇ ତାଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସାଧାରଣରେ ଦେଖା ଦେଇ ନଥିଲେ। ଟ୍ରମ୍ପଙ୍କ ବକ୍ତବ୍ୟର ଜବାବରେ, ଆର୍ମେନିଆରେ ଥିବା ଇରାନୀ ଦୂତାବାସ ଏକ୍ସ ରେ ପୋଷ୍ଟ କରିଛି। ଏଥିରେ କୁହାଯାଇଛି ଯେ ଆମେରିକା – ଯାହା ଏହାର ୨୫୦ତମ ବାର୍ଷିକୀ ପାଳନ କରୁଛି – ଇରାନର ଏହି ଦୁଃଖକୁ କେବେ ବୁଝିପାରିବ ନାହିଁ । କାରଣ ଏହାର ନା ସଭ୍ୟତା ଅଛି, ନା ଇତିହାସ, ନା ସମ୍ମାନ। ଇରାନ କହିଛି ଯେ ଲୋକଙ୍କୁ ହତ୍ୟା କରାଯାଇପାରେ, କିନ୍ତୁ ସେମାନଙ୍କ ଆଦର୍ଶ ନୁହେଁ।

## ହର୍ମୁଜ ପାର୍ କରିଛି ୧୫ ସାର ବୋଝେଇ ଜାହାଜ

ନୂଆଦିଲ୍ଲୀ,୫।୭: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଭାରତର ସାର ଯୋଗାଣ ଶୃଙ୍ଖଳ ମୋଟାମୋଟି ପ୍ରଭାବିତ ହୋଇନାହିଁ। ୨୦ଟି ଜାହାଜ ମଧ୍ୟରୁ ୧୫ଟି ଜାହାଜ ସାର ଓ ଅନ୍ୟାନ୍ୟ କଞ୍ଚାମାଲ ଧରି ହର୍ମୁଜ ପ୍ରଣାଳୀ ସୁରକ୍ଷିତ ଭାବେ ପାର୍ ହୋଇଛି ବୋଲି କେନ୍ଦ୍ର ରସାୟନ ଓ ସାର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ସେଥିରୁ ୮ଟି ଜାହାଜରେ ୩.୩୨ ଲକ୍ଷ ଟନ୍ ୟୁରିଆ ଆସିଛି। ୪ଟି ଜାହାଜରେ ୨.୫୭ ଲକ୍ଷ ଟନ୍ ଡିଏପି ଏବଂ ୩ଟି ଜାହାଜରେ ୧.୧୧ ଲକ୍ଷ ଟନ୍ର ସଲଫର୍ ଆସିଛି। ସବୁ ଜାହାଜ ସମୟ ମୁତାବକ ଭାରତୀୟ ବନ୍ଦରକୁ ଆସୁଛି। ୫ଟି ଅଧିକ ଜାହାଜ ଆସିବାର ପୂର୍ବ ପର୍ଯ୍ୟାୟରେ ରହିଛି। ସେଥିରୁ ଗୋଟିଏ ଜାହାଜରେ ୦.୨୫ ଲକ୍ଷ ଟନ୍ ଆମୋନିଆ ଏବଂ ଅନ୍ୟ ଗୋଟିଏରେ ୦.୪୫ ଲକ୍ଷ ଟନ୍ ୟୁରିଆ ରହିଛି। ଦୁଇଟି ୟୁରିଆ ଜାହାଜ ଏବଂ ଗୋଟିଏ ସଲଫର୍ ଜାହାଜରେ ଏବେ ବୋଝେଇ କାର୍ଯ୍ୟ ଚାଲିଛି। ସବୁ ଜାହାଜ ଯୋଜନା ମୁତାବକ ଆସି ପହଞ୍ଚିବା ନେଇ ଆଶା ରହିଥିବା କୁହାଯାଇଛି।

## ବିଷ୍ଣୋଇ ଗ୍ୟାଙ୍ଗର ଦୁଇ ସୁଟର ପୋଲିସ ଏନକାଉଣ୍ଟରରେ ନିହତ

ବାହାଦୂରଗଡ଼,୫।୭: ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଓ ହରିଆଣା ପୋଲିସର ସ୍ପେଶାଲ ଟାସ୍କ ଫୋର୍ସର ଏକ ମିଳିତ ଅପରେସନ ବେଳେ ଶନିବାର ବିଳମ୍ବିତ ରାତିରେ ବାହାଦୂରଗଡ଼ ଅଞ୍ଚଳରେ ଲରେନ୍ସ ବିଷ୍ଣୋଇ ଅପରାଧୀ ସଙ୍ଗଠନର ଦୁଇ ଜଣ ଦୁର୍ଦ୍ଦାନ୍ତ ସଦସ୍ୟ ପୋଲିସ ଗୁଳିରେ ପ୍ରାଣ ହରାଇଛନ୍ତି। ଗୁପ୍ତଚର ସୂଚନା ଆଧାରରେ ହରିଆଣାର ହିସାର ବାସିନ୍ଦା ପ୍ରବେଶ ଓ ହିମାଂଶୁ ନାମକ ଦୁଇ ଜଣ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ସେହି ଅଞ୍ଚଳରେ କୌଣସି ବଡ଼ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ବୁଲୁଥିବା ବେଳେ ମିଳିତ ପୋଲିସ ବାହିନୀ ସେମାନଙ୍କୁ ଚାରିପଟୁ ଘେରି ଯାଇଥିଲେ।ପୋଲିସ ଅଫିସର ପ୍ରମୋଦ କୁଶୱା ଏବଂ ଏସପି ବିକ୍ରାନ୍ତ ଭୂଷଣଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲେ ମଧ୍ୟ ସେମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲେ, ଯାହାର ଜବାବରେ ପୋଲିସ ଦଳ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା।

## ରାଫେଲ ମୁକାବିଲା ପାଇଁ ଚୀନରେ ଜେ-୩୫ଏଇ ଜେଟର ଗୁପ୍ତ ତାଲିମ ନେଉଛନ୍ତି ପାକ୍ ପାଇଲଟ

ବେଜିଂ/ଇସଲାମାବାଦ,୫।୭: ସାଟେଲାଇଟ୍ ଚିତ୍ର ଏବଂ ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ପ୍ରମାଣରୁ ଜଣାପଡ଼ିଛି ଯେ, ପାକିସ୍ତାନୀ ବାୟୁସେନାର ପାଇଲଟମାନଙ୍କୁ ଏକ ପ୍ରମୁଖ ପିଏଲଏ ବାୟୁସେନା ଘାଟିରେ ତାଲିମ ଦିଆଯାଉଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ପାଇଲଟମାନଙ୍କୁ ଚୀନର ନୂତନ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ଜେ-୩୫ଏଇ ଉପରେ ଗୁପ୍ତ ଭାବେ ତାଲିମ ଦିଆଯାଉଛି। ଚୀନର ସରକାରୀ ପ୍ରସାରଣକାରୀ ସିସିଟିଭି ଯୁଦ୍ଧ ବିମାନ ଜେ-୩୫ଏଇର ଏକ ଫୁଟେଜ୍ ଦେଖାଇଛି। ଏହି ଭିଡିଓରେ ପାକିସ୍ତାନୀ ପାଇଲଟମାନେ ଜେ-୩୫ଏଇ ଷ୍ଟିଲଥ୍ ଫାଇଟରରେ ସିମୁଲେଟର ଏବଂ କକପିଟ୍ ତାଲିମ ନେଉଥିବା ଦେଖାଯାଉଛି। ତେବେ ପାକିସ୍ତାନ କିମ୍ବା ଚୀନ୍ ଏପର୍ଯ୍ୟନ୍ତ ଏହି ଲଢୁଆ ବିମାନର ବିକ୍ରିକୁ ନିଶ୍ଚିତ କରିନାହାନ୍ତି। ଚୀନ୍ ଏହାର ପଞ୍ଚମ ପିଢ଼ିର ଲଢୁଆ ବିମାନ ପାକିସ୍ତାନ ବାୟୁସେନାକୁ ପ୍ରଦାନ କରିଛି ବୋଲି ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ସିସିଟିଭି ଭିଡିଓରେ ଜେ-୩୫ର କକ୍ପିଟ ଭିତରେ ପାକିସ୍ତାନୀ ବାୟୁସେନାର ପାଇଲଟ ସିମୁଲେଟର ତାଲିମ ନେଉଥିବାର ଦେଖାଯାଇଛି।

## ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ

ନୂଆଦିଲ୍ଲୀ,୫।୭: ଦିଲ୍ଲୀରେ ରବିବାର ହାଲୁକାରୁ ମଧ୍ୟମ ଓ କେତେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ଲୋକମାନେ ଗରମରୁ ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ ବର୍ଷା ଯୋଗୁ ଦିଲ୍ଲୀରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଜାତୀୟ ରାଜଧାନୀକୁ ଆସୁଥିବା ୧୫ଟି ବିମାନକୁ ଅନ୍ୟତ୍ର ଡାଇଭର୍ଟ କରାଯାଇଛି। ବିମାନବନ୍ଦର ସୂତ୍ର ଅନୁଯାୟୀ, ବର୍ଷା ଯୋଗୁ ୧୦ଟି ଘରୋଇ ବିମାନ ଓ ୫ ଟି ଅନ୍ତର୍ଜାତୀୟ ବିମାନ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ଦୃଶ୍ୟମାନ ଦୂରତା ହ୍ରାସ ପାଇବା ଓ ପ୍ରତିକୂଳ ପାଗ ଯୋଗୁ ବିମାନ ସେବା ବାଧାପ୍ରାପ୍ତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆଗାମୀ ୪ ଦିନରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ହରିୟାଣା, ପଞ୍ଜାବ ଓ ରାଜସ୍ଥାନର ବାକି ଅଞ୍ଚଳକୁ ପ୍ରସ୍ତାରିତ ହେବ।

## ପଶ୍ଚିମବଙ୍ଗରେ ୧୨ ବର୍ଷର ଝିଅକୁ ଦୁଷ୍କର୍ମ ପରେ ହତ୍ୟା

କୋଲକାତା,୫।୭: ପଶ୍ଚିମବଙ୍ଗର ୨୪ ପରଗଣା ଜିଲ୍ଲାର ବରୁଇପୁର ପୋଲିସ ଷ୍ଟେସନ ଅଞ୍ଚଳରେ ଜଣେ ୧୨ ବର୍ଷର ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଝିଅଟିକୁ ଶନିବାର ଅପହରଣ କରି ଦୁଷ୍କର୍ମ କରାଯାଇଥିଲା ବୋଲି ପୁଲିସ କହିଛି। ଝିଅଟିର ମୃତଦେହ ରବିବାର ସକାଳେ ଘର ନିକଟ ପୋଖରୀରୁ ଉଦ୍ଧାର କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏକ ଏତଲା ରୁଜୁ କରି ମାମଲାର ତଦନ୍ତ କରୁଛି। ପୁଲିସକୁ ପରିବାର ଲୋକ ସୂଚନା ଦେଇଛନ୍ତି ଯେ, ଶନିବାର ଅପରାହ୍ଣରେ ଝିଅଟି ଖାଦ୍ୟ ସାମଗ୍ରୀ କିଣିବାକୁ ବାହାରକୁ ଯାଇ ଆଉ ଫେରିନଥିଲା। ଚାରି ଜଣ ଲୋକ ଝିଅଟିକୁ ଅପହରଣ କରିନେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

## ଭଣଜାକୁ ଖଣ୍ଡ ଖଣ୍ଡ କରି ହାଣିଦେଲା ମାମୁ

ନୂଆଦିଲ୍ଲୀ,୫।୭: ବିହାରର ବରେଲିରୁ ଗତ ଜୁନ୍ ୩୦ ତାରିଖରରେ ଏକ ମୃତଦେହ ଉଦ୍ଧାର ହୋଇଥିଲା ଯାହାକୁ ଚିହ୍ନିବା ଏକଦମ କଷ୍ଟକର ହୋଇଯାଇଥିଲା । କାରଣ ମୃତଦେହକୁ ଖଣ୍ଡ ବିଖଣ୍ଡିତ କରାଯାଇଥିବାବେଳେ ଏହା ଅଧାପୋଡ଼ା ଅବସ୍ଥାରେ ଫୋପାଡ଼ି ଦେଇଥିଲେ । ତେବେ ଏହି ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ହେଉଛି ମୃତକଙ୍କ ମାମୁ । ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଏହି ହତ୍ୟାକାଣ୍ଡ ପଛରେ ରହିଛି ପ୍ରେମ । ଯେତେବେଳେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା ସେତେବେଳେ ଜଣାପଡ଼ିନଥିଲା । ଏବଂ ପରେ ଜଣା ପଡ଼ିଥିଲା କି, ମୃତକ ଜଣକ ହେଉଛନ୍ତି ସମସ୍ତିପୁର ଜିଲ୍ଲା ପଟୋରୀରେ ରହୁଥିବା ଜଣେ ଯୁବକ । ପୁଲିସ କହିଛନ୍ତି କି, ଯୁବକ ଜଣକ ଯେତେବେଳେ ୪ ବର୍ଷର ହୋଇଥିଲେ ସେ ତାଙ୍କ ମାଆଙ୍କ ଦେହାନ୍ତ ହୋଇଥିଲା । ସେ ତାଙ୍କ ଆଇଙ୍କ ପାଖରେ ରହି ପାଠ ପଢ଼ିଥିଲେ । ମାମୁ ଘରେ ରହୁଥିବାବେଳେ ମାମୁଙ୍କ ଝିଅ ସହ ପ୍ରେମ ହୋଇଥିଲା। ଯାହାକୁ ନେଇ ଦୀର୍ଘଦିନ ଧରି ମାମୁଘରେ ଝଗଡ଼ା ଲାଗି ରହିଥିଲା। ତିନି ବର୍ଷ ପୂର୍ବରୁ ସେମାନଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ ଅଭିଯୁକ୍ତ ମାମୁ । ଏନେଇ ସେ ପୁଲିସ ଆଗରେ ମାନିଛନ୍ତି ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଚାରିଛକ(ନିପ୍ର): ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି । ମୃତ ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର ଶୁଶୁମା ସେଠି (୬୨) । ସୂଚନା ଅନୁଯାୟୀ, ଆଜି ଶୁଶୁମା ନିଜ ବିଲକୁ ଧାନ ବିହନ ନେଇ ଯାଉଥିବା ସମୟରେ ବାଟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ଏ ସମ୍ପର୍କରେ ସେ ତୁରନ୍ତ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ସଦସ୍ୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ବୃଦ୍ଧାଙ୍କ ଏହି ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପରିବାର ସମେତ ସମଗ୍ର ଗ୍ରାମରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଲିଜଧାରୀଙ୍କ ବେଆଇନ କାର୍ଯ୍ୟକଳାପକୁ ନେଇ ଜିଲ୍ଲାପାଳ,ଏସପିଙ୍କୁ ଅଭିଯୋଗ

ହିଞ୍ଜିଳିକାଟୁ(ନିପ୍ର): ଗତ ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ବେଲଗାଁ ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ ସଦଳବଳେ ଚଢ଼ଉ କରି ସାହାପୁର ମୌଜାର ଲଣ୍ଡା ପାହାଡ଼ର ଏକ ସ୍ୱତନ୍ତ୍ର ଗାତ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ୬୨ ବକ୍ସ (୧୨ହଜାର ୪ଶହ ଜିଲେଟିନ ଷ୍ଟିକ୍) ଓ ୪୭ ଟି ବ୍ଲାଷ୍ଟିଂ ତାର ଜବତ କରିଥିଲେ । ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ରଖିଥିବା ଅଭିଯୋଗରେ ଧୋବଡି ଗ୍ରାମର ବଚନ ଦାସ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଏ ବିଷୟରେ ସାହାପୁର ଗ୍ରାମକୁ ଲାଗି ରହିଥିବା ଲଣ୍ଡା ପାହାଡ଼ର ପଥର କ୍ୱାରୀ ଓ କ୍ରସର୍ ୟୁନିଟରେ ହେଉଥିବା ବେଆଇନ ବିସ୍ଫୋରଣ, ସରକାରୀ ସମ୍ପତ୍ତି ଲୁଟ ଓ ଲିଜଧାରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅପରାଧିକ କାର୍ଯ୍ୟକଳାପ ନିବାରଣ ନିମନ୍ତେ ସାହାପୁର ଓ ହନ୍ତୋଷ ଗ୍ରାମବାସୀ ଶନିବାର ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ପଥର କ୍ୱାରୀରେ ପ୍ରତିଦିନ ହେଉଥିବା ଭାରି ବିସ୍ଫୋରଣ ଯୋଗୁଁ ବହୁ ଧନ ଜୀବନ ନଷ୍ଟ ହେବାକୁ ବସିଲାଣି । ପଥର ବୋଝେଇ ହାଇୱା ଦିନ ରାତି ଚାଲିବା ଫଳରେ ରାସ୍ତାଘାଟ ଖରାପ ହେବା ସହ ଭାରି ବିସ୍ଫୋରଣ ଯୋଗୁଁ ପଥର ଖଣ୍ଡ ଗ୍ରାମବାସୀଙ୍କ ଘର ସମ୍ମୁଖରେ ପଡୁଥିବା ବେଳେ ଘରୁ ବାହାରିବା ପାଇଁ ଭୟ ଓ ଅସୁରକ୍ଷିତ ମଣୁଛନ୍ତି । ଲିଜଧାରୀଙ୍କ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ବିଚାରାଧୀନ ରହିଛି । ବାର୍ଷିକ ଉତ୍ତୋଳନ ପରିମାଣ ୩୦.୪୦୦ ପାଇଁ ଅନୁମତି ମିଳିଥିବା ବେଳେ ଲିଜଧାରୀ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଢେର ଅଧିକ ଉତ୍ତୋଳନ କରି କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱ କ୍ଷତି ପହଞ୍ଚାଇଛନ୍ତି । ଏନେଇ ଗ୍ରାମବାସୀ ଗତ ୨ ବର୍ଷ ଧରି ଅନଲାଇନ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ ଆଦି ବିଭିନ୍ନ ଜନଶୁଣାଣିରେ ଅଭିଯୋଗ କରି ଆସୁଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ, ଖଣିମନ୍ତ୍ରୀ, ଜିଲ୍ଲା ଖଣି ଉପ- ନିର୍ଦ୍ଦେଶକ ଓ ଏପରିକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିକଟରେ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏସବୁ ପରେ ମଧ୍ୟ ନିଜ ରାଜନୈତିକ ପ୍ରଭାବରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଭୟଭୀତ କରାଇ ଦିନକୁ ଦିନ ବିସ୍ଫୋରଣ ଜାରୀ ରଖିଛନ୍ତି । କିନ୍ତୁ ପଥର କ୍ୱାରୀରେ ଦିନ ମଜୁରିଆ ଭାବେ କାମ କରୁଥିବା ଶ୍ରମିକ ଠାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ଗ୍ରାମବାସୀ ଉଲ୍ଲେଖ କରିଛନ୍ତି । ଉପଯୁକ୍ତ ତଥ୍ୟ ଅନୁସନ୍ଧାନ କରି ଲିଜଧାରୀ ଏତେ ମାତ୍ରାରେ ବେଆଇନ ବିସ୍ଫୋରକ ସାମଗ୍ରୀ କେଉଁଠାରୁ ଆଣି ଏଭଳି ଭାବେ ଅନିୟମିତ ଭାବେ ବିସ୍ଫୋରଣ ଜାରୀ ରଖିଛନ୍ତି ତାହାର ନିରପେକ୍ଷ ତଦନ୍ତ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆସିକା ଏସଡିପିଓ ସୌରଭ କୁମାର ପ୍ରଧାନ ଓ ବେଲଗାଁ ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଚାନ୍ଦି ଅଳଙ୍କାର ଚୋରି

କଟକ(ନିପ୍ର) : ଠାକୁରଙ୍କୁ ବି ଛାଡ଼ିଲେନି ଦୁର୍ବୃତ୍ତ । ବାରଙ୍ଗରେ ମନ୍ଦିରରୁ ସିରିଜ ଚୋରି । ନେଇଗଲେ ଲକ୍ଷାଧିକ ଟଙ୍କାର ଚାନ୍ଦି ଅଳଙ୍କାର । କଣ୍ଠାପାଟଣା ଗାଁର ହନୁମାନ ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ମଙ୍ଗଳା ମନ୍ଦିର ଏବଂ ଦାଢ଼ାପାଟଣା ସ୍ଥିତ ମା କନକଦୁର୍ଗା ମନ୍ଦିରରୁ ବିଳମ୍ବିତ ରାତିରେ ହୋଇଛି ଚୋରି । ମା ମଙ୍ଗଳାଙ୍କ ଚାନ୍ଦି ମୁକୁଟ, ଚାନ୍ଦିଆଖି, ହନୁମାନଙ୍କର ଚାନ୍ଦି କଠଉ, ଚାନ୍ଦି ମୁକୁଟ ନେଇଯାଇଛନ୍ତି ଦୁର୍ବୃତ୍ତ । ମହାଲକ୍ଷ୍ମୀଙ୍କର ଚାନ୍ଦି ହାର, ମା କନକ ଦୁର୍ଗାଙ୍କ ଚାନ୍ଦି ମୁକୁଟ ଏବଂ ଶଙ୍ଖା ନେଇ ଯାଇଛନ୍ତି ଦୁର୍ବୃତ୍ତ । ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଦେବାଦେବୀଙ୍କ ଅଳଙ୍କାର ନେଇ ଫେରାର ହୋଇଯାଇଛନ୍ତି ।

## ଅଜଣା ବୃଦ୍ଧାଙ୍କ ଶବ ଉଦ୍ଧାର

ଧର୍ମଗଡ଼ (ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗମ୍ଭାରୀଗୁଡା ନିକଟସ୍ଥ ଏକ ପଡ଼ିଆରୁ ଜଣେ ବୃଦ୍ଧା ମହିଳାଙ୍କ ଶବ ଉଦ୍ଧାର ହୋଇଥିବା ଜଣାପଡ଼ିଛି । ସଂଗ୍ରହ ସୂଚନା ଅନୁଯାୟୀ, ଗମ୍ଭାରୀଗୁଡା ମା ଯଶୋଦା ଅନାଥାଶ୍ରମ ନିକଟସ୍ଥ ଏକ ପଡ଼ିଆରେ ଜଣେ ବୁଢ଼ୀ ଲୋକ କେବେ ଠାରୁ ମୃତ୍ୟୁ ହୋଇ ପଡ଼ିଥିବା ବେଳେ ଆଜି କିଛି ଲୋକ ଦେଖି ଧର୍ମଗଡ଼ ପୋଲିସ ଥାନା କୁ ଖବର କରିଥିଲେ । ଖବର ପାଇ ଧର୍ମଗଡ଼ ଆଇଆଇ ସି ସୁଦର୍ଶନ ନାୟକ, ଏସ ଆଇ ସନ୍ତୋଷ ସିର୍କା ନିଜର ଦଳବଳ ସହିତ ଘଟଣାସ୍ଥଳରେ ପହଞ୍ଚି ଥିଲେ । ମୃତ ମହିଳାଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଲୋକ ଜାଣି ନଥିଲେ । ଏହା ଏକ ଅଜଣା ଶବ ହୋଇଥିବାରୁ ବ୍ୟବଚ୍ଛେଦ କରି ଧର୍ମଗଡ଼ ଡାକ୍ତରଖାନାରେ ରଖା ହୋଇଥିବା ଓ ୟୁଡି କେସ ନମ୍ବର ୧୦/୦୪/୦୭/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଏସ ଆଇ ଶ୍ରୀ ସିର୍କା ପ୍ରକାଶ କରିଛନ୍ତି ।

## କାଶୀନଗର ରେଳ ଷ୍ଟେସନ ନିକଟରେ ମୃତ ଦେହ ଠାବ

କାଶୀନଗର(ନିପ୍ର): କାଶୀନଗର ରେଳ ଷ୍ଟେସନ ନିକଟରେ ଏକ ମୃତ ଦେହ ପଡ଼ିଥିବା କିଛି ଲୋକ ଦେଖି କାଶୀନଗର ଥାନାକୁ ସୂଚନା ଦେଇଥିଲେ । କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠି ସେହି ସ୍ଥାନରେ ପହଞ୍ଚି ଯାଞ୍ଚ କରିଥିଲେ । ଅନୁସନ୍ଧାନରୁ ଜଣା ପଡିଲା ଯେ, ମୃତ୍ୟୁ ବରଣ କରିଥିବା ଯୁବକ ଜଣକ ହେଲେ କାଶୀନଗର ୱାର୍ଡ ନଂ ୩ ର ବାସିନ୍ଦା ସ୍ୱର୍ଗତ ବିମିନା ରାଓଙ୍କ ପୁଅ .ଦିଲ୍ଲୀପ କୁମାର ବୟସ (୨୦ ବର୍ଷ) ଯେ କି ଶୁକ୍ରବାର ଦିନ ଠାରୁ ନିଖୋଜ ଥିଲେ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଜି ଆର ପି ପୋଲିସ ଆସି ଅଧିକ ଅନୁସନ୍ଧାନ କରିବେ ବୋଲି ସୂଚନା ମିଳୁଛି ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗାଈ ଓ ବାଛୁରୀ ମୃତ

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ହଳେ ଗାଈ ବାଛୁରି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ରବିବାର ସକାଳେ ନୂଆଁ ବସଷ୍ଟାଣ୍ଡ ପରିସରରେ ସୁରକ୍ଷା ପାଚେରୀ ମଧ୍ୟରେ ଲଟାବୁଦା ଘେରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟକୁ ଖୋଲା ଫାଟକ ଦେଇ ହଳେ ଗାଈ ଓ ବାଛୁରୀ ଘାସ ଖାଇବାକୁ ପ୍ରବେଶ କରିଥିଲେ । ସେ ଦୁହେଁ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ସେଠାରୁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିଥିଲେ । ମୃତ ଗାଈ ଓ ବାଛୁରୀକୁ ଏନ୍ଏସି ସଫେଇ କର୍ମଚାରୀମାନେ ଟ୍ରାନ୍ସଫର୍ମର ନିକଟରୁ ବାହାର କରିଥିଲେ । ଗତକାଲି ଦିନରାତି ଲଗାଣବର୍ଷାରେ ଟି.ଭୀମ ପାତ୍ରଙ୍କ ଗାଈ ଓ ବାଛୁରୀ ଦୁଇଟି ଘରକୁ ଫେରିନଥିବା ବେଳେ ଆଜି ସକାଳେ ସେ ଦୁହିଁଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା ।

## ଗ୍ୟାସ ସିଲିଣ୍ଡର ଫାଟି ତିନି ଗୁରୁତର

ଆସିକା,(ନିପ୍ର):ଆସିକା ବ୍ଲକ ତାଲୁକା ଛକରେ ଘଟିଛି ଅଘଟଣ । ରୋଷେଇ ବେଳେ ଗ୍ୟାସ ସିଲିଣ୍ଡର ଫାଟି ତିନି ଜଣ ଶ୍ରମିକ ଗୁରୁତର । ଗୁରୁତରମାନେ ହେଲେ ବାଲାଜୀ ବିଷୋୟୀ (୨୭), ମାଧବ ବେହେରା (୨୫) କାଳନ୍ଦୀ ସିଂହ(୨୫) ଏମାନେ ସମସ୍ତେ ନୟାଗଡ଼ ଅଞ୍ଚଳର ହୋଇଥିବା ବେଳେ ଆସିକାରେ ଗୃହ ନିର୍ମାଣ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ । ଆଜି ସକାଳେ ଆସିକା ତାଲୁକା ଛକ ମିଶନ କାଫେ ସମ୍ମୁଖରେ ଥିବା ଭଡା ଘରେ ରୋଷେଇ କରିବା ସମୟରେ ହଠାତ ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ସମସ୍ତ ତିନିଜଣ ଗୁରୁତର ହୋଇଥିଲେ । ସେମାନଙ୍କ ହାତ ଓ ଗୋଡ଼ ପୋଡି ଯାଇଥିବା ବେଳେ ଗୁରୁତର ମାନଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ ଗୁରୁତର ହୋଇଥିବା ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ।

### ଆଇଆଇସି ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣା

# ଫରେନସିକ ଲ୍ୟାବ୍‌କୁ ପଠାଗଲା ଜବତ ୨ ମୋବାଇଲ



କଟକ,୫।୭ : ଚାଉଳିଆଗଞ୍ଜ ଥାନାଧିକାରିଣୀ ବିୟୁଟି ମହାନ୍ତି ମୃତ୍ୟୁ ଘଟଣାରେ ପୋଲିସ ୨ଟି ମୋବାଇଲ ଜବତ କରି ଫୋରେନସିକ ଲାବୋରାଟୋରୀକୁ ଯାଞ୍ଚ ପାଇଁ ପଠାଇଛି । ମୋବାଇଲରୁ ଆତ୍ମହତ୍ୟା ପଛର କିଛି ତଥ୍ୟ ମିଳିପାରେ ବୋଲି ପୋଲିସ ଆଶା କରୁଛି । ଏପରିକି ତାଙ୍କର ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ଚାଟରୁ କିଛି ତଥ୍ୟ କାଢ଼ିବାକୁ ପୁଲିସ ଉଦ୍ୟମ କରୁଛି । ଆଇଆଇସି ବିୟୁଟି ମହାନ୍ତି ଆତ୍ମହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଜଣେ ପୋଲିସ କର୍ମଚାରୀଙ୍କୁ ଅଟକ ରଖି ଜେରା କରୁଛି । ଅଜ୍ଞାତ ସ୍ଥାନରେ ଅଟକ ରଖି ଜେରା କରୁଛି ପୋଲିସ । ରବିବାର ଅପରାହ୍ନ ସମୟରେ ଓଡ଼ିଶା ପୋଲିସ ଅଫିସର ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ସ୍ୱଚ୍ଛ, ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ୩୦ ଦିନ ମଧ୍ୟରେ ରିପୋର୍ଟକୁ ଆସର୍ବଜନୀନ କରିବାକୁ ରାଜ୍ୟ ସରକାର ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଛି । ଉଲେଖ ଯୋଗ୍ୟ ଯେ, ଶନିବାର ଦିନ ସକାଳୁ କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବିୟୁଟି ମହାନ୍ତିଙ୍କ ଝୁଲନ୍ତା ମୃତ ଦେହ ଥାନା ଉପରେ ଥିବା ତାଙ୍କ ବିଶ୍ରାମ କକ୍ଷରୁ ମିଳିଥିଲା । କେଉଁ କାରଣକୁ ନେଇ ସେ ଆତ୍ମହତ୍ୟା କରିଛନ୍ତି ତାହାର କୌଣସି ସ୍ପଷ୍ଟ ସୂଚନା ମିଳିନଥିଲା । ତେବେ ପରିବାର ଓ ସଂପର୍କୀୟଙ୍କ ପକ୍ଷରୁ କାମ ଚାପରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ତାଙ୍କ ଭଳି ଦକ୍ଷ ଓ ଦୃଢ଼ମନା କେବେ ଆତ୍ମହତ୍ୟା କରିପାରିବେ ନାହିଁ ବୋଲି ମଧ୍ୟ କହୁଛନ୍ତି । କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ତାଙ୍କ ଭାଇ ଅଭିଯୋଗ କରିଥିଲେ । ମୃତ ଆଇଆଇସିଙ୍କ ସ୍ୱାମୀ, ଭଉଣୀ, ଦେଢ଼ଶୁର ପରିବାର ପରିଜନଙ୍କୁ ପଚରା ଉଚରା କରାଯାଇଛି । ମାନସିକ ସ୍ତରରେ ଦୃଢ଼ ଥିବା ବିୟୁଟି, କିଛି ସମସ୍ୟା ଭିତରେ ଥିବା କେବେ ଜଣାପଡିନାହିଁ ।

## ନଦୀଗାଁରେ ପ୍ରସ୍ତାବିତ ମଦ ଦୋକାନକୁ ତିନି ପଞ୍ଚାୟତର ବିରୋଧ
## ସ୍କୁଲ, ମନ୍ଦିର ଓ ଜନବସତି ନିକଟରେ ଦୋକାନ ଖୋଲିବାକୁ ନେଇ ଜନଅସନ୍ତୋଷ

ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ନଦୀଗାଁ ପଞ୍ଚାୟତର ଠିକିଗଡିଆ ଠାରେ ଏକ ପ୍ରସ୍ତାବିତ ସରକାରୀ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଏହି ନିଷ୍ପତ୍ତିକୁ ବିରୋଧ କରି ନଦୀଗାଁ, ଅର୍ଜୁନପୁର ଓ ଭଟସାହି ପଞ୍ଚାୟତର ସ୍ଥାନୀୟ ବାସିନ୍ଦା ଏକଜୁଟ ହୋଇଛନ୍ତି ।ସୂଚନାଯୋଗ୍ୟ, ପୂର୍ବରୁ ହରିହଂସ ରାସ୍ତାରେ ଏହି ମଦ ଦୋକାନ ଖୋଲିବା ପାଇଁ ସରକାର ଲାଇସେନ୍ସ ଦେଇଥିଲେ, ମାତ୍ର ଚାରିଟି ପଞ୍ଚାୟତର ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ସେଠାରେ ଦୋକାନ ଖୋଲିବା ସମ୍ଭବ ହୋଇପାରି ନଥିଲା । ଏବେ ପୁଣିଥରେ ଏହି ଦୋକାନକୁ ନଦୀଗାଁ ପଞ୍ଚାୟତର ଠିକିଗଡିଆ ଠାରେ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ତିନି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସିଆରପି ପ୍ରମୁଖ ବିରୋଧ କରିଛନ୍ତି ।ରବିବାର ଦିନ ୩ ଟା ସମୟରେ ଆରଆଇ ଛକଠାରେ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଏକ ଶୋଭାଯାତ୍ରାରେ ଯାଇ ଧୁଷୁରୀ ଥାନାରେ ଏହାର ଦୃଢ଼ ବିରୋଧ କରାଯାଇଛି । ସୂଚନା ଥାଉକି ପ୍ରସ୍ତାବିତ ସ୍ଥାନଟି ସମ୍ପୂର୍ଣ୍ଣ ନିୟମ ବାହାରେ । ମଦ ଦୋକାନଟି ଯେଉଁଠାରେ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି, ତା' ନିକଟରେ ସ୍କୁଲ, ମନ୍ଦିର, ଅଙ୍ଗନବାଡି କେନ୍ଦ୍ର, ଆରଆଇ ଅଫିସ ଏବଂ ସମ୍ପୂର୍ଣ୍ଣ ଜନବସତି ରହିଛି । ଏପରି ସ୍ଥାନରେ ମଦ ଦୋକାନ ଖୋଲିଲେ ସାମାଜିକ ବାତାବରଣ ଦୂଷିତ ହେବା ସହ ଶିକ୍ଷାର୍ଥୀ ଓ ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ । ତେବେ ଏଭଳି ସମ୍ବେଦନଶୀଳ ସ୍ଥାନରେ କେଉଁ ପରିସ୍ଥିତିରେ ପ୍ରଶାସନ ଅନୁମତି ଦେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହି ପ୍ରତିବାଦ ସଭାରେ ନଦୀଗାଁ ସରପଞ୍ଚ ଝରଣା ମାଝୀ, ପୂର୍ବତନ ସରପଞ୍ଚ ନିରଂଜନ ମାଝୀ, ଭଟସାହି ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ରାମଚନ୍ଦ୍ର ବେହେରା, ହେମନ୍ତ ସୂତାର, ହରିହର ବେହେରା, ଉପେନ୍ଦ୍ର ବେହେରା, ଗିରିଶ ବାରିକ ଓ ରବୀନ୍ଦ୍ର ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଆଇ ମାଧ୍ୟମରେ ଆପତ୍ତିଜନକ ପୋଷ୍ଟ, ଯୁବକ ଗିରଫ

ଭୁବନେଶ୍ୱର, (ନି.ପ୍ର): ସୋସିଆଲ ମିଡିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନେଇ କଥିତ ଆପତ୍ତିଜନକ ଓ ଏଆଇ ମାଧ୍ୟମରେ ପ୍ରସ୍ତୁତ (ମର୍ଫଡ୍) ଫଟୋ ଏବଂ ରିଲ୍ ପୋଷ୍ଟ କରିବା ଅଭିଯୋଗରେ କମିଶନରେଟ୍ ପୁଲିସର ସାଇବର ଥାନା ଜଣେ ଯୁବକଙ୍କୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, ୪ ଜୁଲାଇ ୨୦୨୬ରେ ନିୟମିତ ସୋସିଆଲ ମିଡିଆ ପାଟ୍ରୋଲିଂ ସମୟରେ 'ମିଷ୍ଟରବିଶ୍ୱ' ନାମକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ଏଆଇ ମାଧ୍ୟମରେ ପ୍ରସ୍ତୁତ ଏବଂ ମର୍ଫଡ୍ ଫଟୋ ସହ ଆପତ୍ତିଜନକ ରିଲ୍ ପୋଷ୍ଟ ହୋଇଥିବା ନଜରକୁ ଆସିଥିଲା । ଏହି ପୋଷ୍ଟଗୁଡ଼ିକରେ ଅଶ୍ଳୀଳ ଭାଷା, ଅପମାନଜନକ ଅଙ୍ଗଭଙ୍ଗୀ ଏବଂ ମାନହାନିକର ମନ୍ତବ୍ୟ ଥିବା ପୁଲିସ ଅଭିଯୋଗ କରିଛି । ସୋସିଆଲ ମିଡିଆ ପାଟ୍ରୋଲିଂ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ବେଳେ ଇନଷ୍ଟାଗ୍ରାମ ଆକାଉଣ୍ଟ ପରିଚାଳନା କରୁଥିବା ବିସ୍ୱଜିତ ସାହୁ ଓରଫ 'ମିଷ୍ଟରବିଶ୍ୱ' ବିରୋଧରେ ଏହି ସାମଗ୍ରୀ ପୋଷ୍ଟ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିବା ପୁଲିସ କହିଛି । ପୁଲିସର ଦାବି ଅନୁସାରେ, ଅଭିଯୁକ୍ତ ଇଣ୍ଟରନେଟରୁ ଫଟୋ ସଂଗ୍ରହ କରି ସେଗୁଡ଼ିକୁ ଡିଜିଟାଲ ଭାବେ ପରିବର୍ତ୍ତନ କରି ରିଲ୍‌ର ଥମ୍ବନେଲ୍ ଭାବେ ବ୍ୟବହାର କରୁଥିଲେ । ସେଥିରେ ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆପତ୍ତିଜନକ ଭାବେ ଚିତ୍ରଣ କରାଯାଇଥିବା ସହ ଅଶ୍ଳୀଳ ଭାଷା ଓ ମାନହାନିକର ମନ୍ତବ୍ୟ ବ୍ୟବହାର କରାଯାଇଥିଲା । ଏହି ପୋଷ୍ଟଗୁଡ଼ିକ ଲକ୍ଷାଧିକ ଲୋକଙ୍କ ପାଖକୁ ପହଞ୍ଚି ଭ୍ରାନ୍ତିକର ସୂଚନା ଏବଂ ଅଶ୍ଳୀଳ ବିଷୟବସ୍ତୁ ପ୍ରଚାର କରିଥିବା ଅଭିଯୋଗ କରିଛି ପୁଲିସ । ତଦନ୍ତ ସମୟରେ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ଆଇଫୋନ୍, ଆପତ୍ତିଜନକ ପୋଷ୍ଟ ଓ ରିଲ୍‌ର ସ୍କ୍ରିନ୍‌ଶଟ୍, ଡାଉନଲୋଡ୍ କପି ସହ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଜବତ କରାଯାଇଛି ।

## ନିର୍ମାଣ କାମ ନ ସରୁଣୁ ଚଣ୍ଡୀ ମନ୍ଦିର ନାଟମଣ୍ଡପ ଓ ଜଗମୋହନରୁ ଝରିଲାଣି ପାଣି, ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

କଟକ,(ନିପ୍ର) : କଟକର ଆରାଧ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ନିର୍ମାଣ କାର୍ଯ୍ୟ ନ ସରୁଣୁ ମନ୍ଦିରର ନାଟ ମଣ୍ଡପ, ଜଗମୋହନ ଓ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରରୁ ଝରୁଛି ବର୍ଷା ପାଣି । ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ଘଟଣା ସମ୍ପର୍କରେ ଠିକା ସଂସ୍ଥାକୁ ଅବଗତ କରାଇଛନ୍ତି ଚଣ୍ଡୀ ମନ୍ଦିରର ପରିଚାଳକ କିରଣ ସାହୁ । କଟକରେ ଜାରି ରହିଥିବା ଲଗାଣ ବର୍ଷାରେ ଚଣ୍ଡୀ ମନ୍ଦିର ନାଟ ମଣ୍ଡପ ଛାତରୁ ଝରୁଛି ବର୍ଷା ପାଣି । କେବଳ ସେତିକି ନୁହେଁ ମନ୍ଦିରର ଜଗମୋହନ, ଚଣ୍ଡୀ ପାଠ ମଣ୍ଡପ, ଶିବ ମନ୍ଦିରରେ ମଧ୍ୟ ଛାତରୁ ଝରୁଛି ପାଣି । ଦୀର୍ଘ ଦୁଇ ବର୍ଷ ହେବ ଅତି ମନ୍ଥର ଗତିରେ ସରକାରୀ ଠିକା ସଂସ୍ଥା ଓ ବିସିସି କାମ କରୁଥିବା ବେଳେ ବର୍ତ୍ତମାନ ମନ୍ଦିରର ଉପର ଭାଗରୁ ପାଣି ପଡ଼ିବାକୁ ନେଇ ଏବେ ଅସନ୍ତୋଷ ଦେଖା ଦେଇଛି । ଯେହେତୁ ନାଟ ମଣ୍ଡପରେ ଶ୍ରଦ୍ଧାଳୁ ମାନେ ଠିଆ ହୋଇ ମା'ଙ୍କ ଦର୍ଶନ କରନ୍ତି ତେଣୁ ଏଠାରେ କ୍ରମାଗତ ଭାବେ ଚାରୋଟି ସ୍ଥାନରେ ପାଣି ତଳକୁ ପଡ଼ିବା ଫଳରେ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶିବ ମନ୍ଦିରରେ ମଧ୍ୟ ମନ୍ଦିର ଉପରୁ ପାଣି ଝରୁଥିବା ବେଳେ ମନ୍ଦିର ଭିତରେ ପୂଜକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ । ଅନ୍ୟପଟେ ମନ୍ଦିର ଛାତରୁ ପାଣି ଝରିବା ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଠିକା ସଂସ୍ଥା ଓ ବିସିସିକୁ ଅବଗତ କରାଯାଇଛି । ଯେହେତୁ ସମ୍ପୂର୍ଣ୍ଣ କାମ ସରି ନାହିଁ ଓ ମନ୍ଦିରକୁ ହସ୍ତାନ୍ତର କରାଯାଇ ନାହିଁ ତେଣୁ ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ମରାମତି କରିବା ପାଇଁ କୁହାଯାଇଥିବା କଥା କହିଛନ୍ତି ମନ୍ଦିର ମ୍ୟାନେଜର କିରଣ ସାହୁ ।

## ୩ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

କଟକ,(ନିପ୍ର): ଜଗତପୁର ଅଞ୍ଚଳ ଦିନକୁ ଦିନ ଅସୁରକ୍ଷିତ ହୋଇ ପଡୁଛି । ଚୋରି ଡକାୟତି ବଢ଼ି ବଢ଼ି ଚାଲିଛି । ଗୋଟିଏ ରାତିରେ ୩ଟି ଦୋକାନରେ ଚୋର କଳାକନା ବୁଲାଇଛନ୍ତି । ଜଗତପୁର ଗୋଲେଇ ଛକ ନିକଟ ତରୋଳ ବଜାରରେ ଥିବା ୩ଟି ମୋବାଇଲ ଦୋକାନରୁ ଗୋଟିଏ ରାତିରେ ଲକ୍ଷାଧିକ ଟଙ୍କାର ନୂଆ ଓ ପୁରୁଣା ମୋବାଇଲ ଓ ଆସୋସେରିଜ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ କଟକ ଚାନ୍ଦବାଲି ରାସ୍ତାର ଜଗତପୁର ତରୋଳ ବଜାରରେ ଶନିବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ ୩ଟି ମୋବାଇଲ ଦୋକାନ ଆଜବେଷ୍ଟସ ଭାଙ୍ଗିବା ସହ ସିଲିଙ୍ଗ ତାଡି ଦୋକାନ ମଧ୍ୟରେ ପ୍ରବେଶ କରି ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଆସୋସିରଜ .ଚୋରି କରି ନେଇଥିବା ନେଇ ମା ତାରେଣୀ ମୋବାଇଲ କେୟାର ମାଲିକ, ତରୋଳର ସଂଗ୍ରାମ ବେହେରା ଓ ସାରଳା ମୋବାଇଲ ମାଲିକ ଜିତେନ୍ଦ୍ର ବିଶ୍ୱାଳ ଏବଂ ରଶ୍ମି ମୋବାଇଲ ମାଲିକ, ମଙ୍ଗଳା ବସ୍ତିର ରଶ୍ମି କାନ୍ତ ପରିଡା ଜଗତପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତ ସମୟରେ ପୋଲିସ ମୋବାଇଲ ଦୋକାନ ସି.ସି.ଟିଭି ଯାଞ୍ଚ କରି ୨ ଜଣ ଦୁର୍ବୃତ ଦୋକାନରୁ ଚୋରି କରୁଥିବା ଦେଖିବାକୁ ପାଇଥିଲା ।

## ଆଦର୍ଶ ହାଟ ନିର୍ମାଣ ପାଇଁ ଜବର ଦଖଲ ହଟାଗଲା



ନିମାପଡ଼ା, (ନି.ପ୍ର.): ବାରବାଟି ପଡ଼ିଆ ସନ୍ନିକଟ ନିମାପଡ଼ା ସାପ୍ତାହିକ ହାଟ ଜମିକୁ ଜବର ଦଖଲ କରିଥିବା ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି । ସମବାୟ ବିଭାଗ ସହଯୋଗରେ ଏଠାରେ ଏକ ମଡ଼େଲ ହାଟ ନିର୍ମାଣ ପାଇଁ ସରକାରୀ ଅନୁଦାନ ମିଳିଛି । ଖୁବ୍‌ଶୀଘ୍ର ସମବାୟ ବିଭାଗର ଯନ୍ତ୍ରୀମାନେ ବ୍ୟୟ ଅଟକଳ ସହ ନକ୍ସା ପ୍ରସ୍ତୁତ କରି ଅନୁମୋଦନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି ନିୟନ୍ତ୍ରିତ ବଜାର କମିଟି ସଂପାଦକ ସୁଶାନ୍ତ ରାଉତ ସୂଚନା ଦେଇଥିଲେ । ନିମାପଡ଼ା ତହସିଲ ପକ୍ଷରୁ ୨୪ ଜଣଙ୍କୁ ଉଚ୍ଛେଦ ନୋଟିସ କରାଯାଇଥିଲା । କିନ୍ତୁ ଦୀର୍ଘଦିନ ଧରି ସେମାନେ ନ ଉଠିବାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, କେ. ଭେଙ୍କଟେଶ୍ୱର ରାଓ, ଏନ୍ଏସି ଅଧିକାରୀ ଚିନ୍ମୟ ଦାସ, ନିୟନ୍ତ୍ରିତ ବଜାର କମିଟି ସଂପାଦକ, ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟ ପ୍ରମୁଖ ଉଚ୍ଛେଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମଡ଼େଲ ହାଟ ନିର୍ମାଣ ହେଲେ ୪୦୦ରୁ ଅଧିକ ଚାଷୀ ଉପକୃତ ହେବା ସାଙ୍ଗକୁ ନିମାପଡ଼ାବାସୀଙ୍କୁ ସୁବିଧା ମିଳିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଦୁଇ ବାଇକ ଲୁଟେରା ଧରାପଡିଲେ

ଭୁବନେଶ୍ୱର, (ନି.ପ୍ର): ବାଇକ ଚୋରି କରିବା ଅଭିଯୋଗରେ ଶହିଦନଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବୁନେଶ ନାୟକ ଓରଫ ବୁନୁ ଓ ଅଖିଳ ନାୟକ । ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରାଜଭିଷେକ ସାସମଲ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଚାନ୍ସେଲର ହୋଟେଲର ଉପର ମହଲାରେ ଥିବା ଏକ କାର୍ଯ୍ୟାଳୟର ବିକ୍ରୟ ବିଭାଗରେ କାର୍ଯ୍ୟରତ ଅଛନ୍ତି । ଗତ ୨୨.୦୬.୨୦୨୬ ଦିନ ପ୍ରାୟ ୧୨ଟା ସମୟରେ ସେ ଓ ତାଙ୍କ ବନ୍ଧୁ ଦୀପକ ସ୍ୱାଇଁଙ୍କ ସହ ମୋଟରସାଇକେଲ ଯୋଗେ କ୍ୟାପିଟାଲ ହସ୍ପିଟାଲରୁ କାର୍ଯ୍ୟାଳୟକୁ ଫେରୁଥିବା ବେଳେ, ରୂପାଲି ଛକ ନିକଟ ଏକ ସାର୍ବଜନୀନ ଶୌଚାଳୟ ପାଖରେ ଅଟକିଥିଲେ । ମୋଟରସାଇକେଲ ରାସ୍ତା କଡ଼ରେ ରଖି ସେ ଶୌଚାଳୟକୁ ଯାଇଥିଲେ । ଫେରିବା ପରେ ମୋଟରସାଇକେଲଟି ଆଉ ସେଠାରେ ନଥିବା ଦେଖି ପ୍ରଥମେ ବନ୍ଧୁ ନେଇଯାଇଥିବା ସନ୍ଦେହ କରିଥିଲେ, କିନ୍ତୁ ପରେ ତାଙ୍କ ସନ୍ଦେହ ଭୁଲ ପ୍ରମାଣିତ ହୋଇଥିଲା ।

# ବୀରମହାରାଜପୁର-ଯୁଯୁମୁରା ବିଚ୍ଛିନ୍ନ
## ଘୁଙ୍ଗିଯୋର ପୋଲରେ ୪ ଫୁଟ ପାଣି



ସୋନପୁର,(ନିପ୍ର): ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁଶୁଣ୍ଡୀ ପଞ୍ଚାୟତର ଭୂତିଆପାଲି ଓ ଲୁତୁରପଙ୍କ ପଞ୍ଚାୟତର ମେଣ୍ଡିଲୀପାଲି ମଧ୍ୟରେ ପ୍ରବାହିତ ଘୁଙ୍ଗିଯୋର ନାଳ ଉପରେ ଥିବା ପୋଲ ଉପରେ ଶନିବାର ରାତିରୁ ପ୍ରାୟ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଛି । ଫଳରେ ବୀରମହାରାଜପୁର-ଯୁଯୁମୁରା ସଂଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହ । ଗତ ପାଞ୍ଚ ଦିନ ଧରି ଲଗାତାର ବର୍ଷା ଯୋଗୁଁ ଅଞ୍ଚଳର ବିଭିନ୍ନ ଜଳାଶୟ ଓ ନାଳଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଥିଲା । ଶନିବାର ଅପରାହ୍ନରେ ପ୍ରବଳ ବର୍ଷା ହେବା ପରେ ଘୁଙ୍ଗିଯୋରରେ ହଠାତ୍ ଜଳପ୍ରବାହ ବଢ଼ିଥିଲା । ସନ୍ଧ୍ୟା ସମୟରୁ ପୋଲ ଉପରେ ପାଣି ଚାଲିବା ଆରମ୍ଭ ହୋଇ ରାତି ପ୍ରାୟ ୮ଟା ସୁଦ୍ଧା ବନ୍ୟାଜଳର ଉଚ୍ଚତା ୪ ଫୁଟରେ ପହଞ୍ଚିଥିଲା । ଏହି କାରଣରୁ ଯାତାୟାତ ସମ୍ପୂର୍ଣ ଭାବେ ଠପ୍ ହୋଇପଡ଼ିଛି । ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଛୋଟବଡ଼ ଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମ୍ବୁଲାନ୍ସ ସମେତ ସମସ୍ତ ଜରୁରୀକାଳୀନ ଯାନ ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଛି । ରାତିରେ ବର୍ଷା ଜାରି ରହିଲେ ପୋଲ ଉପରେ ଜଳସୁଅ ଆହୁରି ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି । ଏହି ସଡ଼କଟି ବୀରମହାରାଜପୁରରୁ ଯୁଯୁମୁରା ଦେଇ ସମ୍ବଲପୁର ଏବଂ ଚାରମାଳ ଦେଇ ରେଢାଖୋଲକୁ ସଂଯୋଗ କରୁଥିବାରୁ, ବନ୍ୟାଜଳ ପ୍ରବାହ ଯୋଗୁଁ ଦୁର୍ଜନଟେଲା, ବହଳପଦର, ଲୁତୁରପଙ୍କ ପଞ୍ଚାୟତ ସମେତ ରେଢାଖୋଲ ବ୍ଲକର ରେଙ୍ଗାଲି, ବଡ଼ମାଳ, ଭାଲିଆକଟା, ଗରଗଡବାହାଲ ଆଦି ପଞ୍ଚାୟତର ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଉଚ୍ଚସ୍ତରୀୟ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ, ଯାହା ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି କରୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।



ପୁରୀ: ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ; ଆଗେଇ ଚାଲିଛି ମହାପ୍ରଭୁଙ୍କ ରଥଯାତ୍ରା ପ୍ରସ୍ତୁତି (ଫଟୋ-ଦିନଲିପି)



ଭୁବନେଶ୍ୱର: ବିପଦକୁ ଆମନ୍ତ୍ରଣ କରୁଛି ସୁନ୍ଦରପଦା ନିକଟବର୍ତ୍ତୀ ବାହାଦଲପୁରକୁ ଯାଇଥିବା ରାସ୍ତା ପାର୍ଶ୍ୱ ମୁକୁଳା ନାଳ

### ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

# ବାଦ୍ ପଡ଼ିଲେ ୮୫,୧୬୨ ଭୋଟର

ପୁରୀ,୫।୭(ନିପ୍ର): ଭାରତର ଗଣତାନ୍ତ୍ରିକ ପର୍ବ କୁହାଯାଉଥିବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲ ଏବଂ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଜାରି ରହିଛି। ଏହି ଅବସରରେ ରବିବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। ପରେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ପୁରୀ ଜିଲ୍ଲାରେ ୬ଟି ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ସଂଶୋଧନ ପରେ ୧୩ ଲକ୍ଷ ୨ ହଜାର ୭୬୮ ଭୋଟର ରହିଛନ୍ତି। ପୂର୍ବରୁ ପୁରୀ ଜିଲାରେ ୧୩୮୭୯୩୦ ମତଦାତା ରହିଥିବା ବେଳେ ସଂଶୋଧନ ପ୍ରକ୍ରିୟାରେ ୮୫୧୬୨ ଜଣ ଭୋଟରଙ୍କ ନାମ ବିଭିନ୍ନ କାରଣରୁ ବାଦ ପଡ଼ିଛନ୍ତି।ତେବେ ଏ ସମ୍ପର୍କରେ ଆପତ୍ତି ଅଭିଯୋଗ ଗୁଡିକ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ କରାଯାଇ ପାରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ଏସ୍ଆଇଆର ପ୍ରକ୍ରିୟାରେ ପୁରୀ ଜିଲ୍ଲାରେ ୯୩.୮୬ ପ୍ରତିଶତ ଡିଜିଟାଇଜେଶନ ହୋଇଛି। ୩୦୬୫୨ ମୃତ ମତଦାତା, ୯୩୫୬ ଅନୁପସ୍ଥିତ ମତଦାତା, ୩୬୩୩୭ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା, ୭୯୫୩ ଦୋହରା ମତଦାତା ଓ ଅନ୍ୟାନ୍ୟ ୮୬୪ ମତଦାତା ଚିହ୍ନଟ ହୋଇଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି। ଯେଉଁ ବ୍ୟକ୍ତିଙ୍କ ନାମ କଟିଥିବ ସେମାନେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ କରିପାରିବେ। ଏହାର ତଦନ୍ତ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା କରାଯାଇ ସେପ୍ଟେମ୍ବର ୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ସୂଚନା ପ୍ରଦାନ କରିଥିଲେ।

## ଛତିଶଗଡ଼ର ବିଶିଷ୍ଟ ଲୋକ କଳାକାର ତୀଜନ ବାଇଙ୍କ ଦେହାନ୍ତ, ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ମୋଦି

ରାୟପୁର, ୫/୭(ନିପ୍ର): ଛତିଶଗଡ଼ର ପ୍ରସିଦ୍ଧ ଲୋକ କଳାକାର ତଥା ପଦ୍ମ ବିଭୂଷଣ ଡ. ତୀଜନ ବାଇ, ଯିଏ ପାଣ୍ଡବନୀ ଗାୟନକୁ ବିଶ୍ୱବ୍ୟାପୀ ସ୍ୱୀକୃତି ପ୍ରଦାନ କରିଥିଲେ, ୭୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଅପରାହ୍ନ ୩ଟା ୧୫ ମିନିଟରେସେ ଏମ୍ସ ରାୟପୁରରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ କିଛି ସମୟ ଧରି ଅସୁସ୍ଥ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୀଜନ ବାଇଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, 'କିମ୍ବଦନ୍ତୀ ପାଣ୍ଡବନୀ ଗାୟକ ତୀଜନ ବାଇ ଜୀଙ୍କ ବିୟୋଗରେ ଅତ୍ୟନ୍ତ ଦୁଃଖିତ। ସେ ନିଜର ଭବ୍ୟ ଉପସ୍ଥାପନା ଦ୍ୱାରା ସାରା ବିଶ୍ୱରେ ଛତିଶଗଡ଼ର ଏହି ଲୋକକଳାକୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଥିଲେ। ତାଙ୍କ ବିୟୋଗ କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ମୋର ଚିନ୍ତାଧାରା ତାଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକଙ୍କ ସହ ଅଛି। ଓମ୍ ଶାନ୍ତି ! 'ଭାରତୀୟ ଲୋକ କଳାରେ ତାଙ୍କର ଅସାଧାରଣ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ, ପଦ୍ମ ଭୂଷଣ ଏବଂ ଦେଶର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ପାଣ୍ଡବନୀ ଗାୟିକା ତୀଜନ ବାଇ, ଯିଏକି ତାଙ୍କ ପିଲାଦିନେ ବିଦ୍ୟାଳୟର ଚେହେରା ଦେଖି ପାରୁନଥିଲେ।

### ସୁରେନ୍ଦ୍ରନାଥ ନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ

## ପ୍ରତିମୂର୍ତ୍ତି ଅନାବରଣ ସହ ବିଜେଡିର ଶକ୍ତି ପ୍ରଦର୍ଶନ



କାକଟପୁର, ୫/୭(ନିପ୍ର): କାକଟପୁର ନିର୍ବାଚନ ମଣ୍ଡଳୀର ଗାନ୍ଧିବାଦୀ ନେତା,ପ୍ରବାଦ ପୁରୁଷ,ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକ (ସୁର ବାବୁ)ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ଜନ୍ମମାଟି କାକଟପୁରଠାରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ରନାଥ ମେମୋରିଆଲ ଟ୍ରଷ୍ଟ ଏବଂ ପଦ୍ମଚରଣ ସାମନ୍ତସିଂହାର ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ଯୋଡ଼ି ହୋଇ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିବା ସହ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରତିମୂର୍ତ୍ତି ଅନାବରଣ ପରେ ସ୍ଥାନୀୟ ପ୍ରସିଦ୍ଧ ସୋମେଶ୍ୱର ମନ୍ଦିର ନିକଟରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସାଂସଦ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ତଥା କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ତୁଷାରକାନ୍ତି ବେହେରା,ପୁରୀ ଜିଲ୍ଲା ଉପାଧ୍ୟକ୍ଷ ତଥା ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ପୁତ୍ର ସ୍ୱାଧୀନ କୁମାର ନାୟକ(ବାବୁ) ବଣିକ ଶିକ୍ଷାନୁଷ୍ଠାନର ମୁଖ୍ୟ ସୁବ୍ରତ ଛାଟୋଇ ସମାଜସେବୀ ଜ୍ଞାନରଞ୍ଜନ ସାହୁ,କାକଟପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ।

### ||||||| ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା |||||||

## ମୃତ୍ୟୁ ସଂଖ୍ୟା ୧୪ ଛୁଇଁଲା

କେନ୍ଦୁଝର, ୫ ।୭(ନିପ୍ର) ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣାରେ ଆଉ ଜଣେ ଓଡ଼ିଆ ଜୁଆଙ୍ଗ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକା ଜଣକ ହେଲେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଞ୍ଚାୟତ ରେବଣା (ଖ) ଗ୍ରାମର ପାଣୁଆ ଜୁଆଙ୍ଗଙ୍କ ଝିଅ ରୋହଣୀ ଜୁଆଙ୍ଗ ।ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରୁ ଏହି ସୂଚନା ମିଳିଛି। ଗତକାଲି ମଧ୍ୟରାତ୍ରିରେ ରୋହଣୀଙ୍କ ମୃତ ଶରୀର ଗ୍ରାମରେ ପହଞ୍ଚିଛି । ଏହି ମୃତ୍ୟୁ ପରେ କେନ୍ଦୁଝର ଜିଲ୍ଲାରେ ସଂଖ୍ୟା ୧୪ ଛୁଇଁଥିବା ବେଳେ ରାଜ୍ୟରେ ସଂଖ୍ୟା ୧୫ ହୋଇଛି। ସେପଟେ ଗତକାଲି ତାମିଲନାଡୁରୁ ଆଉ ୯ ଶ୍ରମିକ ଫେରିଥିବା ବେଳେ ୮ ଟି ଥାନାରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପକ୍ଷରୁ କେସ ରୁଜୁ ହୋଇଥିଲା।

## ୧୦ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଉଦ୍ଧାର

ପୁରୀ, ୫/୭(ନିପ୍ର): ପୁରୀ ଏସପି ପ୍ରତୀକ ସିଂଙ୍କ ନିକଟକୁ ସୂଚନା ଆସିଥିଲା ଯେ, ଆନ୍ଧ୍ରପ୍ରଦେଶର କାକିନାଡା ଫିସିଙ୍ଗ ହାର୍ବରରୁ ମାଛ ଧରିବା ପାଇଁ ବାହାରିଥିବା ଆଇଏନଡି-ଏପି-ଭି୫-ଏମଏମ-୮୭୨ ନମ୍ବର ବିଶିଷ୍ଟ ଏକ ମାଛଧରା ଡଙ୍ଗା ସମୁଦ୍ରରେ ଫସି ରହିଛି। ଏହି ସୂଚନା ପାଇବା ପରେ ଏସପି ତୁରନ୍ତ ସମସ୍ତ ସମ୍ପୃକ୍ତ ଟିମ୍‌କୁ ସତର୍କ କରି ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଳିଆପଣ୍ଡା ଥାନା ଓ ପେଣ୍ଠକଟା ମେରାଇନ୍ ପୋଲିସ ଥାନାର ଅଧିକାରୀମାନେ ତୁରନ୍ତ ସମନ୍ୱୟ ରକ୍ଷା କରି ନିକଟସ୍ଥ ମାଛଧରା ଡଙ୍ଗା ସହ ଯୋଗାଯୋଗ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ବିଶାଖାପାଟଣାମର ଏକ ନିକଟବର୍ତ୍ତୀ ମାଛଧରା ଡଙ୍ଗା ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

## ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତିଙ୍କ ଚିଠି

ଭୁବନେଶ୍ୱର, ୫ ।୭(ନିପ୍ର): ଇସ୍କନର ଅଦିନିଆ ସ୍ନାନଯାତ୍ରା, ରଥଯାତ୍ରା ପାଳନକୁ ଗଜପତି ମହାରାଜ ବିରୋଧ କରିଛନ୍ତି ।ଏନେଇ ସେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିର କରିଛନ୍ତି । ଇସ୍କନର ଗଭର୍ଣ୍ଣିଂ ବଡି କମିଶନକୁ ପୁଣି ଚିଠି ଲେଖିଛନ୍ତି ଗଜପତି ମହାରାଜା । ଚିଠିରେ ଗଜପତି କହିଛନ୍ତି ଯେ, ଇସ୍କନ ପକ୍ଷରୁ ସ୍ନାନ ଯାତ୍ରା ଓ ରଥଯାତ୍ରା ଭିନ୍ନ ଭିନ୍ନ ସମୟରେ ହେଉଛି । ତିଥି ଅନୁସାରେ ପାଳନ କରିବା ସହ ଗୋଟିଏ ସମୟରେ କରିବାକୁ ଚିଠିରେ ଲେଖିଛନ୍ତି । ଗଜପତି କହିଛନ୍ତି ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଅନୁଯାୟୀ ସମଗ୍ର ବିଶ୍ୱରେ ଗୋଟିଏ ତିଥିରେ ପାଳନ ହେଉ । ତିଥି ବ୍ୟତୀତ ଅନ୍ୟ କୌଣସି ସମୟରେ ଯାତ୍ରା ପାଳନ ଗ୍ରହଣୀୟ ନୁହେଁ । ଜ୍ୟେଷ୍ଠ ପୂର୍ଣ୍ଣିମାରେ ହିଁ ସାରା ବିଶ୍ୱର ଇସ୍କନ ମନ୍ଦିର ସ୍ନାନ ଯାତ୍ରା କରନ୍ତୁ । ନବଦିନାତ୍ମକ ଯାତ୍ରା ସମୟରେ ରଥଯାତ୍ରା କରିବାକୁ ଗଜପତି ଅନୁରୋଧ କରିଛନ୍ତି ।

### ■ ଆଜି ଆକାଶରେ ମହାଜାଗତିକ ଘଟଣା

## ସୂର୍ଯ୍ୟଠାରୁ ସର୍ବାଧିକ ଦୂରତାରେ ପହଞ୍ଚିବ ପୃଥିବୀ

ଭୋପାଳ, ୫ ।୭: ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହୀ ଲୋକଙ୍କ ପାଇଁ ସୋମବାର, ଜୁଲାଇ ୬ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ ହେବାକୁ ଯାଉଛି। ଏହିଦିନ, ଆମ ଗ୍ରହ ପୃଥିବୀ ବର୍ଷସାରା ସୂର୍ଯ୍ୟ ଠାରୁ ଏହାର ଦୂରତମ ବିନ୍ଦୁରେ ପହଞ୍ଚିବ। ମଧ୍ୟପ୍ରଦେଶର ଜାତୀୟ ପୁରସ୍କାର ବିଜେତା ଜ୍ୟୋତିର୍ବିଜ୍ଞାନ ପ୍ରସାରକ ସାରିକା ଘାରୁ ରବିବାର ଏହି ପ୍ରସଙ୍ଗରେ ବୈଜ୍ଞାନିକ ତଥ୍ୟ ସହଭାଗିତା କରି କହିଛନ୍ତି ଯେ ଜୁଲାଇ ୬ ତାରିଖ ରାତି ୧୧ଟାରେ ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ସବୁଠାରୁ ଅଧିକ ହେବ। ଜ୍ୟୋତିର୍ବିଜ୍ଞାନରେ, ଏହି ଆଶ୍ଚର୍ଯ୍ୟଜନକ ସ୍ୱର୍ଗୀୟ ଘଟଣାକୁ ଏକ ଏଫିଲିଅନ୍ କୁହାଯାଏ ।ସାରିକା ଦର୍ଶାଇଛନ୍ତି ଯେ ସୂର୍ଯ୍ୟ ଚାରିପଟେ ପୃଥିବୀର କକ୍ଷପଥ ସମ୍ପୂର୍ଣ୍ଣ ଗୋଲାକାର ପରିବର୍ତ୍ତେ ସାମାନ୍ୟ ଉପବୃତ୍ତାକାର ଅଟେ। ଏହି କାରଣରୁ, ବର୍ଷକୁ ଥରେ ପୃଥିବୀ ସୂର୍ଯ୍ୟର ସବୁଠାରୁ ନିକଟତର ଏବଂ ଥରେ ସବୁଠାରୁ ଦୂରରେ ରହିଥାଏ। ରବିବାର, ଜୁଲାଇ ୬ରେ ଏହି ସମ୍ଭାବ୍ୟ ଘଟଣା ସମୟରେ, ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ପ୍ରାୟ ୧୫୨ ନିୟୁତ କିଲୋମିଟରକୁ ବୃଦ୍ଧି ପାଇବ। ଉଲ୍ଲେଖ କରାଯାଇପାରେ ଯେ ଜାନୁଆରୀ ୩ରେ ପୃଥିବୀ ସୂର୍ଯ୍ୟଙ୍କ ନିକଟତମ ଥିଲା। ଏହି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଘଟଣାକୁ ପେରିହେଲିୟନ କୁହାଯାଏ।






# କୋରାପୁଟ ଏକ୍ସପ୍ରେସର ଆଜି ଶୁଭାରମ୍ଭ



ଭୁବନେଶ୍ୱର, ୫/୭(ପିଆଇବି): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୋହନ ଚରଣ ମାଝୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଅଶ୍ୱିନୀ ବୈଷ୍ଣବ, ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ୬ ଜୁଲାଇ ୨୦୨୬ରେ ପୁରୀ ରେଳଷ୍ଟେସନରୁ 'ପୁରୀ–କୋରାପୁଟ ଉଦ୍‌ଘାଟନୀ ସ୍ପେଶାଲ' ଏବଂ ବ୍ରହ୍ମପୁର ରେଳଷ୍ଟେସନରୁ 'ବ୍ରହ୍ମପୁର–ଉଧନା (ସୁରଟ) ଅମୃତ ଭାରତ ଉଦ୍‌ଘାଟନୀ ସ୍ପେଶାଲ' (ଯାହା ସପ୍ତାହକୁ ୩ ଦିନ ପରିବର୍ତ୍ତେ ଏଣିକି ଦୈନିକ ସେବାରେ ପରିଣତ ହେଉଛି) ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ସେବା ଓଡ଼ିଶା ଭିତରେ ଏବଂ ଓଡ଼ିଶା ସହିତ ପଶ୍ଚିମ ଭାରତର ସଂଯୋଗୀକରଣକୁ ଯଥେଷ୍ଟ ଉନ୍ନତ କରିବ, ଏଥିସହିତ ପର୍ଯ୍ୟଟନ, ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ଆଞ୍ଚଳିକ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। ପୁରୀ-କୋରାପୁଟ ଏକ୍ସପ୍ରେସର ନିୟମିତ ସମୟସୂଚୀ ପୃଥକ ଭାବେ ଜଣାଇ ଦିଆଯିବ। ପୁରୀ–କୋରାପୁଟ ଏକ୍ସପ୍ରେସର ପ୍ରଚଳନ ଦ୍ୱାରା ପବିତ୍ର ସହର ପୁରୀ ଏବଂ ଆଦିବାସୀ ବହୁଳ ଅଞ୍ଚଳ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରି ଜନସାଧାରଣଙ୍କ ଏକ ଦୀର୍ଘଦିନର ଆଶାକୁ ପୂରଣ କରିବ । ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ଯାତାୟାତ ସହଜ କରି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ବହୁ ପରିମାଣରେ ଉପକୃତ କରିବ। ଏହି ଉଦ୍‌ଘାଟନୀ ସ୍ପେଶାଲ୍ ନିୟମିତ ଟ୍ରେନ୍ ନମ୍ବର ୧୮୪୦୭/୧୮୪୦୮ ପୁରୀ–କୋରାପୁଟ–ପୁରୀ ଏକ୍ସପ୍ରେସର ପ୍ରାରମ୍ଭକୁ ସୂଚିତ କରେ, ଏହି ଟ୍ରେନର ବିସ୍ତୃତ ସମୟସୂଚୀ ପୃଥକ ଭାବରେ ଘୋଷଣା କରାଯିବ। ଏହି ଟ୍ରେନଟି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ, ଯାହାଫଳରେ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ରେଳ ସଂଯୋଗୀକରଣ ଅଧିକ ସୁଦୃଢ଼ ହେବ। ଏହି ଟ୍ରେନ୍ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ, ଯାହା ସମଗ୍ର ଅଞ୍ଚଳର ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ବିକଳ୍ପ ପ୍ରଦାନ କରିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ